## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୧୦।୨୦୨୧

| | |
|---|---|
| ୩, ୧୩, ୫୧୫ ଟଙ୍କା | |
| ସୁନା | ୩.୦୩୦ ଗ୍ରାମ |
| ରୁପା | ୧୩୧.୨୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମାଗଣା ସ୍ୱାସ୍ଥ୍ୟ ଶିବିର, ନଗର କମିଟି, ମଧୁସୂଦନ ନଗର, ସକାଳ ୮ଟା ୩୦।
- ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ୧୭ତମ ଶ୍ରାଦ୍ଧ ଉତ୍ସବ, ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୯ଟା।
- ବିଶ୍ୱ ପ୍ରାକୃତିକ ବାସସ୍ଥାନ ଦିବସ, ସିଓ୍ୱାଇଏସ୍‌ଡି, ମହାନଦୀ ହଲ, ପୂର୍ବାହ୍ନ ୧୧ଟା।

## 'ଗାନ୍ଧିଜୀଙ୍କ ତ୍ୟାଗପୂତ ସାଧନା ଅତୁଳନୀୟ'

କଟକ ଅଫିସ, ୩।୧୦- କଟକ ବିହାରୀବାଗସ୍ଥିତ ସମ୍ମିଳନୀ କକ୍ଷରେ ରବିବାର ସ୍ୱାଧୀନ ଭାରତ ଓ ଗାନ୍ଧୀ ଶୀର୍ଷକ ମାସିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରାବନ୍ଧିକ ଶୈଳଜ ରବି, ଶିକ୍ଷାବିତ୍ ଡ. ଖାରବେଳ ମହାନ୍ତି, ଦୂରଦର୍ଶନ କେନ୍ଦ୍ରର ଅବସରପ୍ରାପ୍ତ ନିର୍ଦ୍ଦେଶିକା ଜୟନ୍ତୀ ରଥ ପ୍ରମୁଖ ଯୋଗଦେଇ କହିଥିଲେ, ଗାନ୍ଧିଜୀଙ୍କ ତ୍ୟାଗପୂତ ସାଧନା ଅତୁଳନୀୟ। ଦେଶବାସୀଙ୍କୁ ଗଣତନ୍ତ୍ରର ମୂଲ୍ୟବୋଧ ସମ୍ପର୍କରେ ସଚେତନତା କରିବା ଆବଶ୍ୟକତା ରହିଛି ବୋଲି ବକ୍ତାମାନେ କହିଥିଲେ। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ଅବସରପ୍ରାପ୍ତ ଅଧକ୍ଷ ମନୋରଞ୍ଜନ ମହାନ୍ତି ଅଧକ୍ଷତା କରିଥିବାବେଳେ ଏମ୍‌ପି ଭର୍ତ୍ତୃହରି ମହତାବ ପ୍ରାରମ୍ଭିକ ସୂଚନା, ସନ୍ତୋଷ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା ଓ ପାଠଚକ୍ରର ସଂଯୋଜକ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ଶିକ୍ଷାବିତ୍ ଦୟାନିଧି ସାମନ୍ତରାୟଙ୍କ ପରଲୋକ

କଟକ ଅଫିସ, ୩।୧୦- ବିଶିଷ୍ଟ ଶିକ୍ଷାବିତ୍ ତଥା କଟକ ଖ୍ରୀଷ୍ଟ କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ଦୟାନିଧି ସାମନ୍ତରାୟ(୮୮)ଙ୍କର ରବିବାର ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ



ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ କନ୍ୟା ତଥା ଅଧାପିକା ପ୍ରଜ୍ଞା ସାମନ୍ତରାୟ, ଜ୍ୟେଷ୍ଠପୁତ୍ର ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ମିହିର ସାମନ୍ତରାୟ, କନିଷ୍ଠ ପୁତ୍ର ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଅରୁଣ ସାମନ୍ତରାୟଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଖାନ୍‌ନଗର ଶଶ୍ମାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

କଟକ ମହତାବରୋଡ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ଦୟାନିଧି ଶିକ୍ଷକ ଆନ୍ଦୋଳନର ତୁଙ୍ଗ ନେତା ଥିଲେ। ଶିକ୍ଷକ ମହାସଂଘର ଉପସଭାପତି ଓ ଓଡ଼ିଶା ବେସରକାରୀ କଲେଜ ଶିକ୍ଷକ ସଂଘର ସଭାପତି ଭାବେ ବହୁଦିନ ଧରି କାର୍ଯ୍ୟ କରିବା ସହ ଘରୋଇ ଶିକ୍ଷା ଅନୁଷ୍ଠାନଗୁଡିକର ଶିକ୍ଷକମାନଙ୍କୁ ପ୍ରତ୍ୟକ୍ଷ ଦରମା ପ୍ରଦାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏଥିସହ ସେ ଶେଷ ସମୟ ପର୍ଯ୍ୟନ୍ତ ସିପିଆଇର ସଭ୍ୟ ଭାବେ ରହିଥିଲେ। ତାଙ୍କ ବିୟୋଗରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସମ୍ପାଦକ ମଣ୍ଡଳି ସଭ୍ୟ ଅଭୟ ସାହୁ, ରାମକୃଷ୍ଣ ପଣ୍ଡା ପ୍ରମୁଖ ନୂଆଦିଲ୍ଲୀର ଜାତୀୟ ପରିଷଦର ଅଧିବେଶନରୁ ଶୋକବାର୍ତ୍ତା ପଠାଇଛନ୍ତି। ଏଥିସହ ବିଶ୍ୱ ଶିକ୍ଷକ ଫେଡେରେଶନର ସାଧାରଣ ସମ୍ପାଦକ ପ୍ରଫେସର ଅମିୟ କୁମାର ମହାନ୍ତି, ବେସରକାରୀ କଲେଜ ଶିକ୍ଷକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଧାପକ ଦୁଷ୍ମନ୍ତ ନାୟକ ଶୋକ ପ୍ରକାଶ କରିଛନ୍ତି।

# ମନ ମୋହୁଛି ମନୋଜଙ୍କ ନିଆରା କଳାକୃତି

### ଲକ୍‌ଡାଉନ୍ ଦେଲା ନୂଆ ପରିଚୟ

■ଧାନରେ ରଥ, ଆଇସକ୍ରିମ୍ କାଠିରେ ଅରଟ, ସାବୁନରେ ଚଣ୍ଡୀ

କଟକ ଅଫିସ, ୩।୧୦







ସେ ପାଠ ପଢ଼ିବା ପାଇଁ କଟକ ଆସିଥିଲେ। ଟ୍ୟୁଶନ କରି ପାଠ ପଢୁଥିଲେ। ହଠାତ କୋଭିଡ୍ ସ୍ଥିତି ଯୋଗୁ ଲକ୍‌ଡାଉନ୍ ଘୋଷଣା ହେଲା। ଏହି ସମୟରେ ଟ୍ୟୁଶନ ବନ୍ଦ ହୋଇଗଲା। ତେଣୁ କ'ଣ କରିବେ ସେନେଇ ଚିନ୍ତାରେ ପଡ଼ିଗଲେ। ତେବେ ମିଳୁଥିବା ସମୟର ସଦୁପଯୋଗ ଲାଗି ସେ ପ୍ରଥମେ କେତୋଟି ନିଆରା କଳାକୃତି କଲେ। ଏସବୁର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କଲେ। ତାଙ୍କୁ ଢ଼େର୍ ପ୍ରଶଂସା ମିଳିଲା। ଏହା ତାଙ୍କୁ ପ୍ରେରଣା ଦେଲା। ଫଳରେ ସେ ଭିନ୍ନ କଳାକୃତି କରିବା ନିଶାରେ ପଡ଼ିଗଲେ। ନିଆରା କଳାକୃତିର ଏହି ଅନୁପମ କାରିଗର ଜଣକ ହେଉଛନ୍ତି କଟକ ସିଡିଏ-୭ରେ ରହୁଥିବା ମନୋଜ କୁମାର ସାହୁ (୨୫)। ତାଙ୍କ ଜନ୍ମ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ କୁମ୍ଭାରପଡ଼ା ଗ୍ରାମରେ। ବାପା ହେଉଛନ୍ତି ରାମଚନ୍ଦ୍ର ସାହୁ ଓ ମାଆ ପ୍ରମିଳା ସାହୁ।

ମନୋଜ କାଜୁରେ ଜଗନ୍ନାଥ, ଧାନରେ ରଥ, ସାବୁନରେ କଟକ ଚଣ୍ଡୀ, ଆଇସକ୍ରିମ କାଠିରେ ଅରଟ ଓ ଦୁର୍ଗା, ଗୋଟାଗୁଆରେ ଲକ୍ଷ୍ମୀ ପ୍ରଭୃତି ବହୁ କଳାକୃତି କରିଛନ୍ତି। ଏସବୁ ତାଙ୍କୁ ଜଣେ ନିଆରା ଚିତ୍ରକରର ପରିଚୟ ଦେଇଛି। ତାଙ୍କର ବିଭିନ୍ନ କଳାକୃତି ସୋସିଆଲ ମିଡିଆରେ ଭାଇରାଲ ହେବା ସହ ପ୍ରଶଂସା ସାଉଣ୍ଟୁଛି। ମନୋଜ କହିଛନ୍ତି, ତାଙ୍କ ଲକ୍ଷ୍ୟ ଥିଲା ଅଲଗା। ସେ ପାଠ ପଢ଼ିବା ପାଇଁ କଟକ ଆସିଥିଲେ। ଟ୍ୟୁଶନ କରି ପଢୁଥିଲେ। ମାତ୍ର ଲକ୍‌ଡାଉନ୍ ସମୟରେ ଟ୍ୟୁଶନ ବନ୍ଦ ହୋଇଯାଇଥିଲା। ଏହି ସମୟରେ ସେ କଳାକୃତି ନିଶାରେ ପଡ଼ିଗଲେ। ସେ ପ୍ରଥମେ କାଗଜରେ ଶ୍ରୀଜଗନ୍ନାଥଙ୍କ ପ୍ରତିଛବି ତିଆରି କରି ସୋସିଆଲ ମିଡିଆରେ ପୋଷ୍ଟ କଲେ। ଏହାକୁ ଦେଖି ବହୁ ଲୋକ ତାଙ୍କୁ ପ୍ରଶଂସା କଲେ। ଏହାପରେ ସେ ଡାଲିରେ ସାନ୍ତାକ୍ଲଜ୍, ଚକଲେଟ୍‌ରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା, ରସୁଣରେ ଶିବ, କଉଡ଼ିରେ ଜଗନ୍ନାଥ, ଭଙ୍ଗାଦୀପରେ ଗଣେଶ ଏବଂ ଅଣ୍ଡାପେଟିରେ ଶିମିଳିପାଳ ଜଙ୍ଗଲ ଆଦି କଳାକୃତି ତିଆରି କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏପର୍ଯ୍ୟନ୍ତ ସେ ୩୦ରୁ ଉର୍ଦ୍ଧ୍ୱ କଳାକୃତି ତିଆରି କରିସାରିଲେଣି। ଯଦି ସରକାରଙ୍କ ତରଫରୁ ତାଙ୍କୁ କିଛି ପ୍ରୋତ୍ସାହନ ମିଳନ୍ତା, ତେବେ ସେ ଆଗକୁ ଆଗେଇବା ସହ ଅନେକ ନିଆରା ଓ ମନଲୋଭା କଳାକୃତି ତିଆରି କରି ରାଜ୍ୟ ପାଇଁ ଗୌରବ ଆଣିପାରନ୍ତେ ବୋଲି ମନୋଜ କହିଛନ୍ତି।









ଷୋଳପୂଜା ଅବସରରେ ରବିବାର କଟକଚଣ୍ଡୀଙ୍କ ତ୍ରିପୁରା ଭୈରବୀ ବେଶ। ଗଡ଼ଚଣ୍ଡୀଙ୍କ ସରସ୍ୱତୀ ବେଶ। ଝାଞ୍ଜିରୀମଙ୍ଗଳାଙ୍କ ଉଗ୍ରତାରା ବେଶ। ବାଙ୍କୀ ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ବେଶ।

# ୨୧ରୁ ୟୁଜି ପ୍ରଥମ ସେମିଷ୍ଟର ପରୀକ୍ଷା

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

କଟକ ଅଫିସ,୩।୧୦

ଆସନ୍ତା ୨୧ ତାରିଖରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସ୍ନାତକ(ୟୁଜି) ପ୍ରଥମ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରେଗୁଲାର ଏବଂ ବ୍ୟାକ୍ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ପରୀକ୍ଷା ଦେବେ। ୨୧ ଏବଂ ୨୩ ତାରିଖ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ବିଏ ବିଏଡ୍, ବିଏସ୍‌ସି ବିଏଡ ପାଠ୍ୟକ୍ରମର ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ସେହିପରି କଳା, ବାଣିଜ୍ୟ, ବିଜ୍ଞାନ, ବିବିଏ, ଆଇଏସ୍‌ଟି, ଆଇଟିଏମ୍ ଏବଂ ଜେଏମ୍‌ସି ବିଭାଗର ବିଭିନ୍ନ ପରୀକ୍ଷା ଆସନ୍ତା ୨୫ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୫ ତାରିଖରେ ପରିବେଶ ବିଜ୍ଞାନ, ୨୭ରେ ଜେନେରିକ ଇଲେକ୍ଟିଭ-୧, ୨୯ରେ ସମ୍ମାନ ପ୍ରଥମପତ୍ର ଏବଂ ନଭେମ୍ବର ୧ରେ ସମ୍ମାନ ଦ୍ୱିତୀୟ ପତ୍ରରେ ପରୀକ୍ଷା ହେବ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପରୀକ୍ଷାରେ ଅଧିକ ୨୦ ମିନିଟ୍ ସମୟ ମିଳିବ। ପରୀକ୍ଷା ପରିଚାଳନା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଅନ୍‌ଲାଇନ୍‌ରେ ପରୀକ୍ଷା ଶେଷ ହେବାର ୧୫ ମିନିଟ୍ ମଧ୍ୟରେ ଛାତ୍ରଛାତ୍ରୀମାନେ ଉତ୍ତର ଖାତାକୁ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମେଲ୍ କିମ୍ବା ହ୍ୱାଟ୍ସଆପ୍‌ରେ ନମ୍ବରରେ ପାଠାଇବେ। ସେହିପରି ପରୀକ୍ଷା ପରିଚାଳନା ପାଇଁ ଜଣେ ଲେଖାଏଁ ନିରୀକ୍ଷକଙ୍କୁ ନିୟୋଜିତ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ଜେଲରଙ୍କ କ୍ୱାର୍ଟର୍ସରୁ ଚୋରି

ପୁରୀ ଅଫିସ,୩।୧୦

ପୁରୀର ପୂର୍ବତନ ଜେଲର ତଥା ବର୍ତ୍ତମାନର ଆସିକା ଜେଲର ଭାବେ କାର୍ଯ୍ୟରତ ଦିଲୀପ ଜେନାଙ୍କ ସରକାରୀ କ୍ୱାର୍ଟର୍ସରୁ ରବିବାର ଦୁର୍ବୃତ୍ତମାନେ ଅଳଙ୍କାର, ଆସବାବପତ୍ର ଚୋରି କରିନେଇଥିବା କୁମ୍ଭାରପଡା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ ଚଳାଇଛି। ସେ ପୁରୀ ଜେଲ୍ ରୋଡରେ ଥିବା କ୍ୱାର୍ଟର୍ସରେ ପରିବାର ସହ ରହୁଥିଲେ। ତାଙ୍କର ଆସିକା ଜେଲକୁ ବଦଳି ହେବାରୁ ସେଠାକୁ ପଳାଇଥିଲେ। ପରିବାରଲୋକେ ତାଙ୍କ ନିକଟକୁ ଯାଇଥିବା ବେଳେ ତାଙ୍କ କ୍ୱାର୍ଟର୍ସରୁ ଚାରି ହୋଇଥିବା ସେ ଜାଣିବାକୁ ପାଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୀମା



@ ଶୁଭଙ୍କର



@ ନକ୍ସ୍‌ମା



@ ଲିକୁ



@ ବିଟୁ



@ ସନ୍ଦୀପ

# ସ୍ମୃତିରେଖା 'ମିସ୍ ଇଣ୍ଡିଆ ଚାର୍ମିଂ ଟୁରିଜମ୍'

### ଲକ୍ଷ୍ମୀପ୍ରିୟା 'ମିସେସ୍ ଇଣ୍ଡିଆ- ଆଇଏମ୍‌ପି'

### ସୁନନ୍ଦା 'ମିସ୍ ଇଣ୍ଡିଆ ଚାର୍ମିଂ ଟୁରିଜମ୍' ରନର୍ସ ଅପ୍

ଭୁବନେଶ୍ୱର, ୩।୧୦ (ବ୍ୟୁରୋ)

ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ମୁକୁଟ ପିନ୍ଧି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ୩ଜଣ ଓଡ଼ିଆ ଝିଅ। କେବଳ ସୌନ୍ଦର୍ଯ୍ୟର ପରିମାପ ଚେହେରାର ସୁନ୍ଦରତା ନୁହେଁ, ବରଂ ଚେହେରା ସହିତ ବୁଦ୍ଧି, ଉତ୍ତମ ବ୍ୟକ୍ତିତ୍ୱ, ଆତ୍ମବିଶ୍ୱାସକୁ ପ୍ରକୃତରେ ସୌନ୍ଦର୍ଯ୍ୟ ବୋଲି କୁହାଯାଏ। ଏହାକୁ ପ୍ରମାଣିତ କରିଛନ୍ତି ପୁରୀର ଲକ୍ଷ୍ମୀପ୍ରିୟା ତ୍ରିପାଠୀ ଓ ନିମାପଡା ଅଞ୍ଚଳର ସ୍ମୃତିରେଖା ଖୁଣ୍ଟିଆ। ସ୍ମୃତିରେଖା 'ମିସ୍ ଇଣ୍ଡିଆ ଚାର୍ମିଂ ଟୁରିଜମ୍' ଟାଇଟଲ୍ ଓ ଲକ୍ଷ୍ମୀପ୍ରିୟା 'ମିସେସ୍ ଇଣ୍ଡିଆ- ଆଇ ଆମ୍ ପାୱାରଫୁଲ୍' ଟାଇଟଲ୍ ଜିତିଛନ୍ତି। ସେହିପରି ଝାଡ଼ଖଣ୍ଡର ବନ୍ଦନା କୁମାରୀ ମିସେସ୍ ଇଣ୍ଡିଆ ଆଇଏମ୍‌ପି ପ୍ରଥମ ରନର୍ସଅପ୍ ଓ ଓଡ଼ିଶାର ସୁନନ୍ଦା ପ୍ରିୟଦର୍ଶିନୀ ମଲ୍ଲିକ 'ମିସ୍ ଇଣ୍ଡିଆ ଚାର୍ମିଂ



ଲକ୍ଷ୍ମୀପ୍ରିୟା ତ୍ରିପାଠୀ

ଟୁରିଜମ୍' ପ୍ରଥମ ରନର୍ସଅପ୍ ହୋଇଛନ୍ତି। ଜୁନ୍ ମାସରୁ ଅନ୍‌ଲାଇନ୍ ଯୋଗେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୩ମାସ ଧରି ଚାଲିଥିଲା। ଗତ ୨୭ ଓ ୨୮ ତାରିଖରେ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ମିସ୍ ଇଣ୍ଡିଆ ଓ ମିଷ୍ଟର୍ ଇଣ୍ଡିଆ କାଟେଗୋରିରେ ୪୦ଜଣ ପ୍ରତିଯୋଗୀ ମନୋନୀତ ହୋଇଥିଲେ। ଦେଶକୁ ମୋଟ ୪ ଜୋନ୍‌ରେ ବିଭକ୍ତ କରାଯାଇଥିଲା। ଓଡ଼ିଶା ସମେତ କର୍ଣ୍ଣାଟକ, ଦୁବାଇ, ଜୟପୁର, ପଞ୍ଜାବ, ଝାଡଖଣ୍ଡ, ଛତିଶଗଡ, ଜମ୍ମୁ କଶ୍ମୀର, ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, ଭାଇଜାଗ ଆଦି ଅଞ୍ଚଳରୁ ପ୍ରତିଯୋଗୀ ଭାଗ ନେଇଥିଲେ। ପୂର୍ବ ଜୋନ୍‌ରୁ ୨୦ଜଣ ମନୋନୀତ ହୋଇ ଫାଇନାଲ୍ ରାଉଣ୍ଡକୁ ଯାଇଥିଲେ। ସେହିପରି ମିସେସ୍ ଇଣ୍ଡିଆ କାଟେଗୋରିରେ ମଧ୍ୟ ୨୦ଜଣ ପ୍ରତିଯୋଗୀ ଫାଇନାଲକୁ ଯାଇଥିଲେ। ଇଣ୍ଟ୍ରୋଡକ୍ସନ, ୱାକ୍, ଟ୍ୟାଲେଣ୍ଟ ରାଉଣ୍ଡ୍ ଆଦି ବିଭିନ୍ନ ରାଉଣ୍ଡ୍ ମାଧ୍ୟମରେ ପ୍ରତିଭା ସିଲେକ୍ସନ କରାଯାଇଥିଲା। ଗ୍ରାଣ୍ଡ୍ ଫିନାଲେରେ ପର୍ସନାଲ୍ ଇଣ୍ଟ୍ରୋଡକ୍ସନ, ଡିଜାଇନର୍, ବିକିନି ରାଉଣ୍ଡ୍, ଟ୍ରାଡିଶନ୍ ରାଉଣ୍ଡ ଆଦି କରାଯାଇଥିଲା। ପ୍ରତିଯୋଗିତାର ପୂର୍ବ ଜୋନ୍‌ର ରିଜିଓନାଲ ଡାଇରେକ୍ଟର ରାଜେଶ ରଞ୍ଜନ ମହାନ୍ତି ଓ ନ୍ୟାଶନାଲ ଡାଇରେକ୍ଟର ଯଶପ୍ରୀତି କୌର ସମସ୍ତ ଦାୟିତ୍ୱ ତୁଲାଇ ଥିଲେ। ବାସୁଦେବ ଓ ବିନୋଦିନୀ ଖୁଣ୍ଟିଆଙ୍କ ଝିଅ ସ୍ମୃତିରେଖା ଢେଙ୍କାନାଳସ୍ଥିତ ଆଇଆଇଏମ୍‌ସିରେ ଜର୍ନାଲିଜମ୍ ଆଣ୍ଡ୍ ମାସ୍ କମ୍ୟୁନିକେଶନରେ ପିଜି କରିବା ପରେ ମଡେଲିଂ ଆରମ୍ଭ କରିଥିଲେ। ଓଟିଟି ପ୍ଲାଟ୍‌ଫର୍ମରେ କେତେକ ୱେବ୍ ସିରିଜ୍‌ରେ ମଧ୍ୟ ସେ ନଜରକୁ ଆସିଛନ୍ତି। ସେହିପରି ଏକ ଘରୋଇ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଥିବା ଲକ୍ଷ୍ମୀପ୍ରିୟା ଶାଶୁଙ୍କ ପ୍ରେରଣାରେ ପ୍ରଥମଥର ପାଇଁ ଏଥିରେ ଅଂଶ ଗ୍ରହଣ କରିଥିବା କହିଛନ୍ତି।



ସ୍ମୃତିରେଖା ଖୁଣ୍ଟିଆ।

## 'ସମାଜ ସେବା ପାଇଁ ଯୁବପିଢି ପ୍ରେରିତ ହୁଅନ୍ତୁ'

କଟକ ଅଫିସ, ୩।୧୦

କଟକ ଶହୀଦ ଭବନଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୁଚି ଉଦ୍ୟୋଗର ପ୍ରତିଷ୍ଠାତା ଡ. ଶରତ ଚନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରି କହିଥିଲେ, କଟକ ସହରରେ ଟ୍ରଷ୍ଟ ପକ୍ଷରୁ କରାଯାଉଥିବା ଅନେକ ସାମାଜିକ କାର୍ଯ୍ୟକ୍ରମ ବେଶ୍ ପ୍ରଶଂସନୀୟ । ଏହାଦ୍ୱାରା ଯୁବପିଢି ପ୍ରେରିତ ହୁଅନ୍ତୁ। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ମହମ୍ମଦ ମୋକିମ୍, ମୁଖ୍ୟବ୍ୟକ୍ତା ଅଭିନେତା କୁନା ତ୍ରିପାଠୀ ଯୋଗ ଦେଇ ଅନୁଷ୍ଠାନର ସଫଳତା ସମ୍ପର୍କରେ କହିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଶହୀଦଙ୍କ ପରିବାରବର୍ଗ, ୫୫ରୁ ଉର୍ଦ୍ଧ୍ୱ ସାମାଜିକ ଅନୁଷ୍ଠାନ ଓ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ମଙ୍ଗଳାବାଗ ଥାନା ଆଇସିସି ଅମିତାଭ ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର, ସାନୁ ରଥ ପ୍ରମୁଖ ଯୋଗଦେଇଥିବାବେଳେ ଟ୍ରଷ୍ଟର ସଭାପତି ମନୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ।

**ଦି ଲିଙ୍କ୍ ଆଇ ହସ୍ପିଟାଲର ବାର୍ଷିକ ଉତ୍ସବ**

**କଟକ ଅଫିସ:** କଟକ ଲିଙ୍କ୍‌ରୋଡସ୍ଥିତ ଦି ଲିଙ୍କ୍ ଆଇ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଶନିବାର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଆଇସିଏମ୍ଆର୍ ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି, ଯୁବ ଓ କ୍ରୀଡ଼ା ବିଭାଗର ରିଜିଓନାଲ ନିର୍ଦ୍ଦେଶକ ନବୀନ ନାୟକ ଏବଂ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ ଯୋଗଦେଇଥିଲେ। ହସ୍ପିଟାଲର ମୁଖପତ୍ର 'ଆମ ଆଖି' ଲୋକାର୍ପିତ ହୋଇଥିଲା। ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ରୋଟାରିଆନ୍ ଆଲୋକ ସାହୁଙ୍କ ସଭାପତିତ୍ୱ କରିଥିଲେ। ସରୋଜ ତ୍ରିପାଠୀ ଓ ପ୍ରଦୀପ ଖଟୁଆ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଫରେଷ୍ଟରଙ୍କୁ ହତ୍ୟା ଧମକ

**ନିରାକାରପୁର,୩।୧୦(ଡି.ଏନ୍.ଏ.):** ଟାଙ୍ଗୀ ବନାଞ୍ଚଳ ଅଧୀନ ଭୂଷଣ୍ଡପୁର ଫରେଷ୍ଟର ସିଧୁ ଚରଣ ସିଂହଙ୍କୁ ମୋବାଇଲ ଫୋନରେ କେହି ଦୁର୍ବୃତ୍ତ ହତ୍ୟା ଧମକ ଦେଇଥିବା ନିରାକାରପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଗତ ଶୁକ୍ରବାର ଅପରାହ୍ଣ ୩ଟା ୧୫ରେ ଏକ ମୋବାଇଲ ନମ୍ବରରୁ ଫରେଷ୍ଟର ସିଂହଙ୍କୁ ଫୋନ ଆସିଥିଲା। ପରିଚୟ ପଚାରିବାରୁ ଗାଳିଗୁଲଜ କରିବା ସହିତ ରାସ୍ତାରେ ଗୋଡେଇ ଗୋଡେଇ ହାଣି ଜୀବନରେ ମାରିଦେବୁ ବୋଲି ଦୁର୍ବୃତ୍ତ ଜଣକ ଧମକ ଦେଇଥିଲେ। ଭୂଷଣ୍ଡପୁରରେ କାର୍ଯ୍ୟରତ ସମସ୍ତ ବନକର୍ମଚାରୀ ଭୟଭୀତ ଅବସ୍ଥାରେ ରହିଛନ୍ତି ବୋଲି ଫରେଷ୍ଟର ସିଂହ ଅଭିଯୋଗଫର୍ଦ୍ଦରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲୁଗାଁ,୩।୧୦(ଡି.ଏନ୍.ଏ.):** ଚିଲିକା ରୋଡ୍ ସ୍ଥିତ ଏକ ମାର୍ବଲ ଟାଇଲ ଦୋକାନ ପଛପାର୍ଶ୍ୱରୁ ରବିବାର ବାଲୁଗାଁ ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କୋଦପୁର ଗ୍ରାମର ପାଣ୍ଡବ ପ୍ରଧାନ(୩୫)। ସୂଚନା ମୁତାବକ, ଚିଲିକା ରୋଡ୍‌ରେ ଥିବା ଅଶୋକ ରାଉତଙ୍କ ମାର୍ବଲ ଟାଇଲ ଦୋକାନରେ ଦୀର୍ଘ ୧୫ବର୍ଷ ହେବ ପାଣ୍ଡବ କାର୍ଯ୍ୟ କରୁଥିଲେ। ପ୍ରାୟ ଏକ ମାସ ହେବ ପାଣ୍ଡବ ଉକ୍ତ ଦୋକାନରୁ କୌଣସି କାରଣକୁ ନେଇ ବାହାରି ଯାଇଥିଲେ। ତେବେ ରବିବାର ମଧ୍ୟାହ୍ନରେ ପାଣ୍ଡବଙ୍କ ମୃତଦେହ ଦୋକାନ ପଛପଟେ ଝୁଲୁଥିବା ଦେଖି ଦୋକାନ ମାଲିକ ରାଉତ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କର ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୧)ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଭାସ୍କର୍ଯ୍ୟ ଶିଳ୍ପୀ କଳିଙ୍ଗ ମହାରଣାଙ୍କ ପରଲୋକ

**ପୁରୁଣା ଭୁବନେଶ୍ୱର,୩।୧୦(ଡି.ଏନ୍.ଏ.):** ଭାସ୍କର୍ଯ୍ୟ ଶିଳ୍ପୀ କଳିଙ୍ଗ ମହାରଣାଙ୍କ ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳ ୯ଟା ୫୦ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ରୋଷନ ମୁଖାଗ୍ନି ଦେଇଥିଲେ। କଳିଙ୍ଗ ଜଣେ ଉଚ୍ଚକୋଟୀର ଭାସ୍କର୍ଯ୍ୟ ଶିଳ୍ପୀଭାବେ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିଲେ। ଓଡ଼ିଶା ଜଣେ ପ୍ରସିଦ୍ଧ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ହରାଇଲା ବୋଲି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ସେହିପରି ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ତାଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି।

### ପେନ୍‌ସନ୍‌ଭୋଗୀଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯାଉ

**କଟକ ଅଫିସ, ୩।୧୦:** ରାଜ୍ୟ ଇପିଏଫ୍ ଓ ପେନସନର୍ସ ଆସୋସିଏସନ ପକ୍ଷରୁ ରାଜ୍ୟସ୍ତରୀୟ ବୈଠକ ରବିବାର କଟକ ଖାନ୍‌ନଗର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନକୁ ମଜଭୁତ କରିବା, ସଭ୍ୟ ସଂଗ୍ରହ, ନୂତନ କର୍ମକର୍ତ୍ତା ମନୋନୟନ, ଅଦାଲତ ଲଢେଇ ପାଇଁ ଅର୍ଥ ସଂଗ୍ରହ, ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱଦେବା ସହ ୧ ଲକ୍ଷ ୬୨ ହଜାର ଇପିଏଫ୍ ପେନସନର୍ସଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ସେହିପରି ୧୨ ଜଣ ବରିଷ୍ଠ ନାଗରିକଙ୍କୁ ୩୦ ଜିଲା ସଂଯୋଜକ ଭାବେ ଦାୟିତ୍ୱ ଦିଆଯିବା, ସାରା ଦେଶରେ ଥିବା ୬୬ ଲକ୍ଷ ପେନସନର୍ସ ନଭେମ୍ବର ୧୬ ତାରିଖକୁ ପ୍ରତିବାଦ ଦିବସ ଭାବେ ପାଳନ କରିବା, କାର୍ଯ୍ୟରତ କର୍ମଚାରୀଙ୍କୁ ସଭ୍ୟଭୁକ୍ତ କରିବା ପାଇଁ ବୈଠକରେ ଦାବି ଉପସ୍ଥାପନ ହୋଇଥିଲା। ଆସୋସିଏସନ ସଭାପତି ରଞ୍ଜନ ଖୁଣ୍ଟିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଇପିଏଫ୍ ପେନସନର୍ସ ସଂଘର ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମାଙ୍କ ସମେତ ୨୫ ଜଣ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ।

# ଚୋରି ପାଇଁ ବନ୍ଦୋବସ୍ତ



୨୦୧୯ ଅକ୍ଟୋବର ମାସରେ ୱାର୍ଡ ନଂ. ୩୭ ନୟାପଲ୍ଲୀ ନିକୋ ପାର୍କ ଡ୍ରେନ୍ ନଂ-୧୦ରେ ୱାଲ୍‌ଗାର୍ଡ ଲଗାଯାଇଥିଲା।

**ଭୁବନେଶ୍ୱର,୩।୧୦**

୨୦୧୫ ଅଗଷ୍ଟରେ ସ୍ଥାନୀୟ ନୟାପଲ୍ଲୀ ମମ୍‌ତାଜ ହାଇସ୍କୁଲ ସମ୍ମୁଖ ଖୋଲା ନାଳରେ ପଡ଼ି ଜଣେ ଛାତ୍ର ପ୍ରାଣ ହରାଇଥିଲେ। ଉକ୍ତ ଘଟଣାକୁ ନେଇ ସହରବାସୀଙ୍କ ମଧ୍ୟରେ ପ୍ରବଳ କ୍ଷୋଭ ପ୍ରକାଶ ପାଇଥିଲା। ଏପରି କି ସରକାରଙ୍କ ଅପାରଗତା ଯୋଗୁ ଏଭଳି ଘଟଣା ଘଟିଲା ବୋଲି ସେତେବେଳେ ବିରୋଧୀ ଅଭିଯୋଗ କରିଥିଲେ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସବୁଆଡ୍ରୁ ନିନ୍ଦିତ ହେବା ପରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ଘଟିବ ସେନେଇ ତତ୍କାଳୀନ ମେୟର ଅନନ୍ତ ନାରାୟଣ ଜେନା ସହରବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ବିଏମ୍‌ସି ତା'ର ସମସ୍ତ ୬୭ ୱାର୍ଡ ପରିସୀମା ମଧ୍ୟରେ ଆସୁଥିବା ୧୭୫୦ କି.ମି. ଡ୍ରେନର ଏକ ରୋଡମାପ ପ୍ରସ୍ତୁତ କରିଥିଲା। ସେଥିରୁ ଅତି ବିପଦସଙ୍କୁଳ ସ୍ଥାନ ଚିହ୍ନଟ କରାଯାଇ ୱାଲ ଗାର୍ଡ ଓ ଗଲି ଟ୍ରାପ ସ୍ଥାପନ କରିବ ବୋଲି ଯୋଜନା ହୋଇଥିଲା। ସର୍ଭେରୁ ମିଳିଥିବା ୪୬ଟି ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ସ୍ଥାନରେ ୱାଲ ଗାର୍ଡ ଲଗାଇବାକୁ ବିଏମ୍‌ସି ବଜେଟ ବ୍ୟବସ୍ଥା ସହ ୨୦୧୭-୧୮ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୩୬ଟି ସ୍ଥାନରେ ୱାଲ ଗାର୍ଡ ଲଗାଇଥିଲା। ସ୍ଥାନ ଓ ପରିସୀମାର ଆବଶ୍ୟକତାକୁ ଦେଖି ପ୍ରତି ୱାଲ ଗାର୍ଡ ପିଛା ପାଖାପାଖି ୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହି ୱାଲ ଗାର୍ଡଗୁଡ଼ିକ ବିପଜ୍ଜନକ ସ୍ଥାନ ଯଥା, ନିକୋ ପାର୍କ(ବେହେରା ସାହି), ଏକାମ୍ର ବିହାର(ସାଲିଆ ସାହି), ଗଙ୍ଗନଗର (ଶିରିପୁର), ଡମଣା (ପଟିଆ), ବାଣୀବିହାର (ଭିଏସ୍ଏସ୍ ନଗର), ଏକାମ୍ର ହଲ (ବମିଖାଲ), ପାତ୍ରପଡ଼ା, ରବି ଟକିଜ, ଖଣ୍ଡଗିରି, ଜୟଦେବ ବିହାର, ଜିଜିପି, ଲକ୍ଷ୍ମୀ ସାଗର, ମଞ୍ଚେଶ୍ୱର ଏହି ଭଳି ୩୮ଟି ଅତି ପ୍ରଖର ଜଳ ନିଷ୍କାସନ ହେଉଥିବା ସ୍ଥାନଗୁଡ଼ିକରେ ମଜଭୁତ ୱାଲଗାର୍ଡ ଲଗାଯାଇଥିଲା। ହେଲେ ସେଥିରୁ ୨୪ଟି ୱାଲଗାର୍ଡ ଚୋରି ହୋଇଯାଇଛି। ଏ ସମ୍ପର୍କରେ ବିଭିନ୍ନ ଥାନାରେ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ୨୦୨୦ ନଭେମ୍ବର ୨୦ରେ ଡ୍ରେନେଜ୍ ବିଭାଗ ଡିଭିଜନ-୨ର କନିଷ୍ଠ ଯନ୍ତ୍ରୀ ଦିଲୀପ ସାହୁ ନୟାପଲ୍ଲୀ ଥାନାରେ ଏକ ଅଭିଯୋଗ କରିଥିଲେ। ୨୩ ତାରିଖରେ ପୋଲିସ କେବଳ ଘଟଣାସ୍ଥଳ ପରିଦର୍ଶନ କରି ଚୁପ୍ ବସିପଡ଼ିଛି। ଏବେ ଥାନାଧିକାରୀଙ୍କୁ ପଚାରିଲେ ସେ ନୂଆ ଆସିଛନ୍ତି ବୋଲି କହୁଛନ୍ତି। ୱାଲଗାର୍ଡ ଆକାର ଏବଂ ଓଜନକୁ ଦେଖିଲେ ତାହା ବିନା ଗାଡ଼ିରେ ସ୍ଥାନାନ୍ତର ଅସମ୍ଭବ। ଏହା ସହ ଆଖପାଖ ଅଞ୍ଚଳରେ ଅନେକ ସିସିଟିଭି ରହିଛି। ଏହାସତ୍ତ୍ୱେ ଅଭିଯୁକ୍ତଙ୍କୁ ଧରିବାରେ ବିଭିନ୍ନ ଥାନାର ପୋଲିସ ବିଫଳ ହେବା ଏବଂ ଏନେଇ ବିଏମ୍‌ସି ଅଧିକାରୀ ଚୂପ ହୋଇ ବସିବା ସନ୍ଦେହ ସୃଷ୍ଟି କରୁଛି।

କେବଳ ୱାଲଗାର୍ଡ ନୁହେଁ, ୨୫୦ରୁ ଊର୍ଦ୍ଧ୍ୱ ଗଲି ଟ୍ରାପ୍ ମଧ ବିଭିନ୍ନ ସ୍ଥାନରୁ ଚୋରି ହୋଇଗଲାଣି। କୌଣସି ସମୟରେ ଏଭଳି ଚୋରିକୁ ନେଇ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ୨୦୧୭-୧୮ରେ ହକି ବିଶ୍ୱକପ ପାଇଁ ବନ୍ଦୋବସ୍ତ ବହୁ କୋଟି ଟଙ୍କାର ସୌନ୍ଦର୍ଯ୍ୟକରଣ ସାମଗ୍ରୀ ମଧ୍ୟ ଉଭାନ ହୋଇଯାଇଛି। ସହରର ପ୍ରମୁଖ ଏୟାର ପୋର୍ଟରୁ ଆଚାର୍ଯ୍ୟ ବିହାର, ବାପୁଜୀ ନଗରରୁ ବାଣୀବିହାର, ରାଜଭବନରୁ ନନ୍ଦନକାନନ ଆଦି ରୋଡରେ ଥିବା ଡିଭାଇଡରକୁ ସଫା କରି କୃତ୍ରିମ ଓ ପ୍ରାକୃତିକ ଗଛ ସହ ପ୍ରାୟ ୬ ହଜାର ଟ୍ରି ବକ୍ସ ସ୍ଥାପନ କରାଯାଇଥିଲା। ହେଲେ ହକି ସରିଲା ପରେ ସେ ସବୁ ସୌନ୍ଦର୍ଯ୍ୟକରଣ ଧୀରେ ଧୀରେ କୁଆଡ଼େ ସହରରୁ ଦୂରେଇ ଗଲାଣି।



ଡ୍ରେନ୍ ନଂ-୧୦ରେ ଲଗାଯାଇଥିବା ୱାଲ୍‌ଗାର୍ଡ ୨୦୨୦ ନଭେମ୍ବର ମାସରୁ ଚୋରି ହୋଇଯାଇଛି।

ସେହିପରି ଗତ ୬ ବର୍ଷରେ ସହରର ସମସ୍ତ ମୁଖ୍ୟ ରୋଡ୍‌ରେ ମେଡିୟାନ ବା ରୋଡ୍ ଡିଭାଇଡର ଲଗାଯାଇଥିଲା। ୨୦୧୫ରେ ଏକ ବାଡ଼ ସଦୃଶ ଲୁହା ପାଇପ ଡିଭାଇଡରର ବ୍ୟବସ୍ଥା କରାଯାଇଥିଲା। ପରେ ହକି ବିଶ୍ୱକପ ସମୟରେ ରୋଡ୍‌ର ସୌନ୍ଦର୍ଯ୍ୟବୃଦ୍ଧି ପାଇଁ ଆଉ ଏକ ପ୍ରକାର(ବଙ୍କେଇ ପାଇପ) ବାଡ଼ା ଡିଭାଇଡରରେ ଲଗାଯାଇଥିଲା। ହକି ପରେ ପରେ ସେ ସବୁ ବାଡ଼ା ମଧ୍ୟ ଅଧିକାଂଶ ଚୋରି ହୋଇଯାଇଛି।



ୱାର୍ଡ ନଂ.-୩୬ ଭୌମନଗର ଡ୍ରେନ୍‌ର ଗଲି ଟ୍ରାପ୍।

ଏସବୁରୁ ସ୍ପଷ୍ଟ ହେଉଛି ଯେ, ରାଜଧାନୀ ଭୁବନେଶ୍ୱରରେ ସରକାରୀ ସମ୍ପତ୍ତି ଚୋରି କରିବା ପାଇଁ ଏକ ସଂଗଠିତ ଗୋଷ୍ଠୀ ସକ୍ରିୟ ରହିଛନ୍ତି। ସମ୍ପୃକ୍ତ ଗୋଷ୍ଠୀ ପୋଲିସ ଓ ପ୍ରଭାବଶାଳୀଙ୍କ ଛତ୍ରଛାୟା ତଳେ ରହୁଥିବାରୁ ଧରା ପଡୁନାହାନ୍ତି ବୋଲି ଆଇନଜୀବୀ ସୁରେଶ ରାଉତରାୟ କହିଛନ୍ତି।

କିଛି ବର୍ଷ ତଳେ ଅବସର ନେଇଥିବା ବିଏମ୍‌ସିର ଜଣେ ଯନ୍ତ୍ରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଗତ ୬ବର୍ଷ ମଧ୍ୟରେ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଦିନ ଦ୍ୱିପ୍ରହରରେ ଚୋରି ହୋଇଛି। ଏହା ପଛରେ ସ୍ଥାନୀୟ ନେତାଙ୍କ ସହଯୋଗ ରହିଛି। ସହରର ସୌନ୍ଦର୍ଯ୍ୟକରଣକୁ ଲୋକେ ସ୍ୱାଗତ କରୁଛନ୍ତି। ହେଲେ ଲୋକଙ୍କ ଆଖି ଆଗରେ ସେ ସବୁ ଚୋରି ହେଉଥିଲେ ମଧ ଆକ୍ରୋଶର ଶିକାର ଭୟରେ ସେମାନେ ନୀରବ ରହୁଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟ ଯେ, ବିଏମ୍‌ସି କର୍ତ୍ତୃପକ୍ଷ କିଭଳି ଚୁପ୍ ରହୁଛନ୍ତି ବୋଲି ଯନ୍ତ୍ରୀ ଜଣକ ପ୍ରଶ୍ନ ଉଠାଇଛନ୍ତି।

ଏସମ୍ପର୍କରେ ବିଏମ୍‌ସି କମିଶନରଙ୍କୁ ପଚାରିବାରେ ପୂର୍ବ କଥା ବିଷୟରେ ଅବଗତ ନ ଥିବା ସେ କହିଛନ୍ତି। ବିଏମ୍‌ସି ସାମଗ୍ରୀ ଚୋରି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ଅବଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ବିଭାଗୀୟ ମୁଖ୍ୟ ଯନ୍ତ୍ରୀ (ସିଟି ଇଞ୍ଜିନିଅର) ଅରୁଣ କୁମାର ନାୟକ କହିଛନ୍ତି ନୂଆ କରି ବିଏମ୍‌ସିରେ ଯୋଗ ଦେଇଛି। ଚୋରି ବିଷୟରେ ସ୍ଥାନୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହ ଆଲୋଚନା କଲା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ନାୟକ କହିଛନ୍ତି।

### ବଧୂହତ୍ୟା ଅଭିଯୋଗ, ଶାଶୁ ଗିରଫ

**ସାକ୍ଷୀଗୋପାଳ,୩।୧୦(ଡି.ଏନ୍.ଏ.)**

**ସ୍ୱାମୀ, ଶ୍ୱଶୁର ଫେରାର**

ସତ୍ୟବାଦୀ ଥାନା ଐଶାନ୍ୟପଡ଼ା ଗ୍ରାମରେ ଯୌତୁକ ପାଇଁ ଜଣେ ବଧୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ପୂଜାଞ୍ଜଳି ମଲ୍ଲିକ(୨୦)। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ମୃତାଙ୍କ ଶାଶୁ ମଇନା ସାସମଲଙ୍କୁ ଗିରଫ କରିଥିବା ବେଳେ ସ୍ୱାମୀ ଓ ଶ୍ୱଶୁର ଫେରାର ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଶୁକଳ ବଡ଼ପଡ଼ା ଗ୍ରାମର ପୂଜାଞ୍ଜଳି ଐଶାନ୍ୟପଡ଼ା ନିବାସୀ ଚିନ୍ମୟ ଶାସମଲଙ୍କୁ ଗତବର୍ଷ ବିବାହ କରିଥିଲେ। ଶନିବାର ବିଳମ୍ବିତ ରାତିରେ ପୂଜାଞ୍ଜଳି ଫ୍ୟାନରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଶାଶୁଘର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପୁରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୌତୁକ ପାଇଁ ଶାଶୁଘର ଲୋକେ ଝିଅକୁ ମାରିଦେଇ ଫ୍ୟାନରେ ଝୁଲାଇ ଦେଇଛନ୍ତି ବୋଲି ମୃତାଙ୍କ ମା'ଥାନାରେ ଅଭିଯୋଗ କରଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା ରୁଜୁକରି ମୃତାଙ୍କ ଶାଶୁଙ୍କୁ ଗିରଫ କରିଛି।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ସାକ୍ଷୀଗୋପାଳ,୩।୧୦(ଡି.ଏନ୍.ଏ.):** ପୋଖରୀରେ ବୁଡ଼ି ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ବାଣପୁର ଗ୍ରାମର ବିହାରୀ ପ୍ରଧାନ(୭୦)। ସୂଚନା ମୁତାବକ, ସବୁ ଦିନ ପରି ରବିବାର ଦ୍ୱିପହରରେ ବିହାରୀ ଗାଧୋଇବାକୁ ଯାଇଥିଲେ। ଅସାବଧାନତାରୁ ତାଙ୍କ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ସ୍ଥାନୀୟ କେତେଜଣ ଯୁବକ ପୋଖରୀରୁ ତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କ ମୃତ୍ୟୁ ହୋଇଯାଇଥିଲା।

### ହାତୀ ମୃତ୍ୟୁର ତଦନ୍ତ ହେଉ




ମହାନଦୀ ପାର ହେଉଥିବାବେଳେ ଭାସିଯାଇ କଟକ ମୁଣ୍ଡଳି ବ୍ୟାରେଜରେ ଅଟକି ରହିଥିବା ଏକ ଦନ୍ତା ହାତୀ ଉଦ୍ଧାରବେଳେ ଗତ ୨୪ ତାରିଖରେ ଓଡ୍ରାଫ୍ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯବାନ ଓ ଅନ୍ୟଜଣେ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା। ପରେ ଉକ୍ତ ହାତୀଟିର ମଧ ମୃତ୍ୟୁ ହୋଇଥିଲା। ଏହି ହାତୀ ମୃତ୍ୟୁ ଘଟଣାର ତଦନ୍ତ ଓ ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଆନିମାଲ ୱେଲ୍‌ଫେୟାର ଟ୍ରଷ୍ଟ ଏକାମ୍ର ପକ୍ଷରୁ ରବିବାର ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ଓ କ୍ୟାଣ୍ଡେଲ ଶୋଭାଯାତ୍ରା।

## ନନ୍ଦନକାନନରେ ଭିଜିଲାନ୍ସ ଯାଞ୍ଚ

**ବାରଙ୍ଗ,୩।୧୦(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରବିବାର ଭିଜିଲାନ୍ସ ଟିମ୍ କାଗଜପତ୍ର ଯାଞ୍ଚ କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ପରଖିଛନ୍ତି। ସୂଚନା ମୁତାବକ, ପୂର୍ବାହ୍ନ ୧୧ଟାରେ ଭିଜିଲାନ୍ସର ୫ ଜଣିଆ ଟିମ୍ ନନ୍ଦନକାନନ ଗେଷ୍ଟହାଉସରେ ପହଞ୍ଚି ପ୍ରାୟ ୬ଘଣ୍ଟା ଧରି ଏହି ଯାଞ୍ଚ କରିଥିଲେ। ଏହି ସମୟରେ ନନ୍ଦନକାନନର ପୂର୍ବତନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ ମଧ୍ୟ ଉପସ୍ଥିତ ଥିଲେ। ଦାସଙ୍କ କାର୍ଯ୍ୟକାଳ ସମୟରେ କେତେକ ଉନ୍ନୟନମୂଳକ କାର୍ଯ୍ୟରେ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଏହି କାର୍ଯ୍ୟର ମାପଚୁପ ସହ କାଗଜପତ୍ର ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ଭିଜିଲାନ୍ସ ଟିମ୍ ଫରେଷ୍ଟଗାର୍ଡ ଓ ରେଞ୍ଜର କ୍ୱାର୍ଟର, ବ୍ୟାଟେରି ଗାଡ଼ି ଗ୍ୟାରେଜ, ଷ୍ଟାଫ କ୍ୱାର୍ଟର୍ସ, ରାସ୍ତା ଆଦି ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ଗେଷ୍ଟହାଉସରେ କାଗଜପତ୍ର ଦେଖିବା ସହ ବିଭିନ୍ନ ଅଧିକାରୀଙ୍କୁ ପଚରାଉଚରା କରିବା ପରେ ସନ୍ଧ୍ୟାରେ ଫେରିଯାଇଥିଲେ।



ଭିଜିଲାନ୍ସ ଅଧିକାରୀ ଯାଞ୍ଚ ପାଇଁ ଯାଉଛନ୍ତି।

## ମଙ୍ଗଳବାରଠାରୁ କଳାବ୍ୟାଜ୍ ପିନ୍ଧିବେ ପ୍ରାଣୀଧନ କ୍ୟାଡର୍

**ଭୁବନେଶ୍ୱର,୩।୧୦**

ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ମଙ୍ଗଳବାରଠାରୁ କଳାବ୍ୟାଜ୍ ଧାରଣ ଡାକରା ଦିଆଯାଇଛି। ଗତ ମାସ ୫ ତାରିଖରେ ଅନୁଷ୍ଠିତ ହୋଇଥିବା ସଭାରେ ଉପସ୍ଥିତ ରହି ରାଜ୍ୟର ୩୦ ଗୋଟି ଜିଲାର ସାଙ୍ଗଠନିକ କର୍ମକର୍ତ୍ତାମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଦ୍ୱାରା ବାରମ୍ବାର ଅବହେଳିତ ହେଉଥିବା କାର୍ଯ୍ୟରତ ପଞ୍ଚାୟତସ୍ତରୀୟ ପ୍ରାଣୀଧନ ନିରୀକ୍ଷକ ଓ ଏହାର କ୍ୟାଡର୍‌ମାନଙ୍କ ଦୀର୍ଘ ଦିନର ୫ ଦଫା ଦାବି ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ।

ରାଜ୍ୟରେ ୭୦ ଭାଗ କାର୍ଯ୍ୟ ପ୍ରାଣୀଧନ ନିରୀକ୍ଷକ ଓ ଏହାର କ୍ୟାଡର୍‌ମାନଙ୍କ ଜରିଆରେ ବିଭାଗ କରିଥାଏ। ଦୀର୍ଘଦିନର ଅସନ୍ତୋଷକୁ ପୁଞ୍ଜିଭୂତ କରି ସଂଘ ଗତ ୨୦୧୮ ଫେବୃୟାରୀରେ ୨ଦିନିଆ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ କାର୍ଯ୍ୟ ବନ୍ଦ ଧାରଣା ଦେଇଥିଲା। ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଓ ଡାକରା ଫଳରେ ଏହି ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଫଳରେ ବିଭାଗୀୟ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ, ସଂଘର ପରାମର୍ଶଦାତା ଓ ସଙ୍ଘୀୟ କର୍ମକର୍ତ୍ତାଙ୍କ ସହିତ ଦୀର୍ଘ ଆଲୋଚନା କରାଯାଇ ସଂଘର ବିଭିନ୍ନ ଦାବିଗୁଡ଼ିକ ୬ ମାସ ମଧ୍ୟରେ ପୂରଣ କରିବା ନିମନ୍ତେ ୨୦୧୮ ଫେବୃୟାରୀ ୧୩ ପତ୍ର ସଂଖ୍ୟା-୧୭୨୪ରେ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ମଧ୍ୟରେ ୩ ବର୍ଷ ଅତିକ୍ରମ କରିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେବା ଯୋଗୁ ସଂଘ ପକ୍ଷରୁ ଚଳିତବର୍ଷ ୨୫ ଅଗଷ୍ଟ ପତ୍ର ସଂଖ୍ୟା ୮୮ (୪) ଜରିଆରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ସଂଘ ୫ ସେପ୍ଟେମ୍ବର ୨୦୨୧ଠାରୁ ରାଜ୍ୟରେ କାର୍ଯ୍ୟ କରୁଥିବା ସମସ୍ତ ପ୍ରାଣୀଧନ ନିରୀକ୍ଷକ ଓ ଏହାର କାଡର୍‌ମାନେ ଗଣତାନ୍ତ୍ରିକ ଉପାୟରେ ବିକ୍ଷୋଭ ପ୍ରଦର୍ଶନ ସହ କଳା ବ୍ୟାଜ୍ ପରିଧାନ କରି ବିଭାଗୀୟ କାର୍ଯ୍ୟ ସମ୍ପାଦନ କରିବେ ବୋଲି ରାଜ୍ୟ ସଂଘର ସଭାପତି ଉପେନ୍ଦ୍ରନାଥ ରଣା ଓ ସାଧାରଣ ସମ୍ପାଦକ ବସନ୍ତ କୁମାର ସାହୁ ମିଳିତ ଭାବେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପ୍ରକଳ୍ପଗୁଡ଼ିକର ସମୀକ୍ଷା କଲେ ରେଳବୋର୍ଡ ଅଧ୍ୟକ୍ଷ

**ଭୁବନେଶ୍ୱର,୩।୧୦**

ଭୁବନେଶ୍ୱର ରେଳ ଷ୍ଟେଶନର ଉନ୍ନତୀକରଣ ସହ ଏହାର ଆନୁଷଙ୍ଗିକ ବିକାଶକୁ ରେଳ ମନ୍ତ୍ରଣାଳୟ ଗୁରୁତ୍ୱ ଦେଉଛି। ରେଳବାଇ ବୋର୍ଡ ଅଧକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସୁନୀତ ଶର୍ମା ରବିବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା ଅବସରରେ ଏହା କହିଛନ୍ତି। ଭୁବନେଶ୍ୱର ରେଳ ଷ୍ଟେଶନର ବିଭିନ୍ନ କାର୍ଯ୍ୟ ଓ ସ୍ଥାନର ନିରୀକ୍ଷଣ କରିବା ସହିତ ସେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ, ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ରେଳବାଇ ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି।

ଭୁବନେଶ୍ୱର ରେଳ ଷ୍ଟେଶନରେ ଉପସ୍ଥିତ ଯାତ୍ରୀଙ୍କୁ ଦିଆଯାଉଥିବା ସୁବିଧା ଓ ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ରେଳବାଇର ପ୍ରତୀକ୍ଷା ଗୃହ (ୱେଟିଂ ହଲ୍) ରେ ଥିବା କିଛି ଯାତ୍ରୀଙ୍କ ସହ ଶର୍ମା କଥାବାର୍ତ୍ତା କରି ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ଶର୍ମା କହିଛନ୍ତି ଯେ, ଭୁବନେଶ୍ୱର ଷ୍ଟେଶନକୁ ଏକ ବିଶ୍ୱସ୍ତରୀୟ ଷ୍ଟେଶନରେ ବିକଶିତ କରାଯିବ। ଏହାର ପୁନଃବିକାଶ ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ମଧ୍ୟ ସେ ପ୍ରଦାନ କରିଥିଲେ। ସେହିପରି ବିଡିଏ ସହିତ ସମନ୍ୱୟ ରକ୍ଷା କରି ରେଳୱେ ତା'ର ବିକାଶ କାର୍ଯ୍ୟ କରୁଛି ଏବଂ ଉଭୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ମିଳିତ ଯୋଜନା ମଧ୍ୟ କାର୍ଯ୍ୟକ୍ଷମ ହେଉଛି ବୋଲି ସେ କହିଥିଲେ।

ଅପରପକ୍ଷରେ ରେଳ ଜମି ବିକାଶ ପ୍ରାଧିକରଣ (ଆରଏଲ୍‌ଡିଏ) ବିକାଶମୂଳକ କାର୍ଯ୍ୟର ରେଳବାଇ ଅଂଶର କାମ କରିବ ଏବଂ ବାକି କାମ ବିଡିଏ ଦ୍ୱାରା କରାଯିବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକୁ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପ୍ରୋଜେକ୍ଟରେ ଗୋଟିଏ ପ୍ଲାଟଫର୍ମ ଏବଂ ଦୁଇଟି ଅତିରିକ୍ତ ଲାଇନ ମଧ୍ୟ ସଂଯୋଗ କରାଯିବ। ଭୁବନେଶ୍ୱର ଷ୍ଟେଶନର ବିକାଶ ସହିତ ଭୁବନେଶ୍ୱର ନୂତନ ରେଳ ଷ୍ଟେଶନକୁ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନର ଉପ-ଟର୍ମିନାଲ ଷ୍ଟେଶନ ଭାବେ ବିକଶିତ କରାଯାଉଛି।

ଓଡ଼ିଶାରେ ଚାଲିଥିବା ସମସ୍ତ ରେଳପ୍ରକଳ୍ପର ଜାତୀୟ ଗୁରୁତ୍ୱ ରହିଛି। ପ୍ରକଳ୍ପଗୁଡ଼ିକ ପାଇଁ ଜମି ଅଧିଗ୍ରହଣ ପାଇଁ ରେଳବାଇ ରାଜ୍ୟ ସରକାରଙ୍କଠାରୁ ଆବଶ୍ୟକ ସହାୟତା ନେଉଛନ୍ତି।

ଭାରତୀୟ ରେଳବାଇର ସମସ୍ତ ପଣ୍ୟ ବୋଝେଇ ଜୋନ୍ ମଧ୍ୟରେ ପୂର୍ବତଟ ରେଳପଥ କ୍ରମାଗତ ଭାବେ ଶୀର୍ଷ ସ୍ଥାନ ବଜାୟ ରଖିଥିବାରୁ ଶର୍ମା ପୂର୍ବତଟ ରେଳପଥକୁ ଅଭିନନ୍ଦନ ଜଣାଇଛନ୍ତି। ମଧ୍ୟାହ୍ନରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ, ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରୟ ଏବଂ ରେଳପଥର ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସେହିଭଳି ୱାଲଟିୟର ଏବଂ ସମ୍ବଲପୁରର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକମାନେ ଉକ୍ତ ବୈଠକରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ରେଳସଦନରେ ରାଜ୍ୟର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଶର୍ମା ସମୀକ୍ଷା କରିଥିଲେ।

**ଭୁବନେଶ୍ୱର ଷ୍ଟେଶନକୁ ସରକାରଙ୍କ ଗୁରୁତ୍ୱ**



ରେଳବାଇ କର୍ତ୍ତୃପକ୍ଷ ଓ କର୍ମଚାରୀମାନେ ଭୁବନେଶ୍ୱର ରେଳ ଷ୍ଟେଶନ ପରିସର ବୁଲି ଦେଖୁଛନ୍ତି।

## ଡ. ଲକ୍ଷ୍ମୀଧର ଦାସ ପାଇବେ ସୌହାର୍ଦ୍ଦ୍ୟ ସମ୍ମାନ

**କଟକ ଅଫିସ:** ଉତ୍ତର ପ୍ରଦେଶ ହିନ୍ଦୀ ସଂସ୍ଥାନ ପକ୍ଷରୁ ୨୦୨୦ ବର୍ଷ ପାଇଁ ହିନ୍ଦୀ ପ୍ରଚାରପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଡ. ଲକ୍ଷ୍ମୀଧର ଦାସଙ୍କୁ ସୌହାର୍ଦ୍ଦ୍ୟ ସମ୍ମାନ ପ୍ରଦାନ କରାଯିବ। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ତାଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିବେ। ଡ. ଲକ୍ଷ୍ମୀଧର ଦାସ କଟକରେ ଥିବା ହିନ୍ଦୀ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦରୁ ଅବସର ଗ୍ରହଣ କରିଛନ୍ତି। ବର୍ତ୍ତମାନ ସେ ହିନ୍ଦୀ ଭାଷାକରଣ ପତ୍ରିକାର ମୁଖ୍ୟ ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୁରୀ ଜିଲା ଦାସ ବିଦ୍ୟାଧରପୁର ନିବାସୀ ଲକ୍ଷ୍ମୀଧର ହିନ୍ଦୀରେ କବିତା ଓ କାହାଣୀ ପୁସ୍ତକ ରଚନା କରିଛନ୍ତି।

## ସଂକ୍ଷେପରେ

### ଭତ୍ତା ମିଳୁନି: ବିଧାୟକଙ୍କୁ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୩।୧୦(ସ୍ୱ.ପ୍ର.):** କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ରବିବାର ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ପଞ୍ଚାୟତରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ସ୍ଥାନୀୟ ଲୋକେ ବିଧାୟକଙ୍କ ପାଖରେ ପହଞ୍ଚି ବହୁ ହିତାଧିକାରୀଙ୍କୁ ବିଧବା, ବାର୍ଦ୍ଧକ୍ୟ, କଳାକାର ଭତ୍ତା ଏବଂ ବୁଣାକାରଙ୍କୁ ପ୍ରୋତ୍ସାହନ ମିଳୁ ନଥିବା ଅଭିଯୋଗ କରିଥିଲେ। ଏସବୁ ସମସ୍ୟା ଦୂର କରିବା ପାଇଁ ଉଦ୍ୟମ କରାଯିବ ବୋଲି ବିଧାୟକ ବେହେରା କହିଥିଲେ। ପରେ ବେହେରା ମହମ୍ମଦପୁର ପ୍ରାଥମିକ ବିଦ୍ୟାଳୟ ଓ ମହମ୍ମଦପୁର-ବିଶ୍ୱନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଭିତ୍ତିଭୂମି ତଦାରଖ କରିଥିଲେ। ଏହି ସମୟରେ ଲକ୍ଷ୍ମଣ କୁମାର ଲେଙ୍କା, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମହିଳାଙ୍କୁ ଗୁରୁତ୍ୱ

**ଟିଗିରିଆ,୩।୧୦(ଡି.ଏନ୍.ଏ):** ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ପରିସରରେ ରବିବାର ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ ଧୀର ଏଥିରେ ସଭାପତିତ୍ୱ କରିଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମହିଳାଙ୍କୁ ଗୁରୁତ୍ୱ ଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ ଓ ବିଭିନ୍ନ ଯୋଜନାରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ରଖିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ସୌଭିକ୍ ବିଶ୍ୱାଳ, ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ରୂପା ଦଳେଇ ଯୋଗ ଦେଇଥିଲେ।

### ରାତ୍ରିକାଳୀନ ଭଲିବଲ୍ ପ୍ରତିଯୋଗିତା

**ବାଙ୍କୀ,୩।୧୦(ସ୍ୱ.ପ୍ର.):** ବାଙ୍କୀ କ୍ରୀଡା ସାଂସଦ ଆନୁକୂଲ୍ୟରେ ରାତ୍ରିକାଳୀନ ଗୋପାଳଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏକ ଦିବସୀୟ ଭଲିବଲ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବାଙ୍କୀ କଲେଜ ଅଧକ୍ଷ ଡ.ଅରୁଣ ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ସାଂସଦ ସମ୍ପାଦକ ସନ୍ତୋଷ କୁମାର ରଣା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଡମପଡ଼ା ଜୁନିୟର ମହାବିଦ୍ୟାଳୟ ଅଧକ୍ଷ ଓ ସଚ୍ଚିଦାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, ପାରାଦୀପ, ନୟାଗଡ଼(ଇଟାମାଟି), ଜଟଣୀ, ପୁରୀ, ନରଶପୁର ଓ ବାଙ୍କୀ ଭଲିବଲ୍ ସଂଘ ସାମିଲ ହୋଇଥିଲେ। ଏଥିରେ ଭୁବନେଶ୍ୱର ଦଳ ଚାମ୍ପିୟନ ହୋଇଥିଲା। ଇଟାମାଟି ଦଳ ରନର୍ସ ଅପ୍ ହୋଇଥିଲା। କ୍ରୀଡ଼ାବିତ୍ ସୌମେନ୍ଦ୍ର ମିଶ୍ର, ଲିଙ୍ଗରାଜ ରାଉତ, ସମବାୟବିତ ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଭୁବନେଶ୍ୱର ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ସହ ରନର୍ସ ଅପ୍ ଇଟାମାଟିକୁ ୩ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

### ପାଟ୍ରୋଲିଂ କଡ଼ାକଡି କରିବାକୁ ଦାବି

କଟକ ଅଫିସ, ୩।୧୦: ସହରରେ ଅପରାଧ ରୋକିବା ଓ ସହରବାସୀଙ୍କ ସହ ସିଧାସଳଖ ଯୋଡି ହେବା ଲକ୍ଷ୍ୟରେ ମଙ୍ଗଳାବାଗ ଥାନା ପକ୍ଷରୁ ସ୍ଥାନୀୟ ସାମୁଦ୍ରିକ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ପୋଲିସ-ପବ୍ଲିକ ସମନ୍ୱୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଡିସିପି ପ୍ରତୀକ୍ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ସାହିରେ ଚୋରି, ଲୁଟ୍ ଘଟଣା ଘଟୁଥିଲେ ମଧ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇପାରୁନାହିଁ। ତେଣୁ ଏହି ଥାନା ଅଞ୍ଚଳର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ଲଗାଇବା ସହ ପୋଲିସ ପାଟ୍ରୋଲିଂ କଡାକଡ଼ି କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ। ସେହିପରି ରାସ୍ତାରୁ ବେଆଇନ ପାର୍କିଂ ଉଚ୍ଛେଦ, ନିଶା ବ୍ୟବସାୟ ରୋକିବା, ପ୍ରତି ମାସରେ ବରିଷ୍ଠ ନାଗରିକଙ୍କୁ ନେଇ ସମନ୍ୱୟ ବୈଠକ କରିବା ପାଇଁ ମତ ଉପସ୍ଥାପନ ହୋଇଥିଲା। ଏହି ସବୁ ବିଷୟ ଉପରେ ପୋଲିସ ପଦକ୍ଷେପ ନେବ ବୋଲି ଡିସିପି ପ୍ରତିଶ୍ରୁତି ଦେଇଛନ୍ତି। ଏହି ବୈଠକରେ ଜୋନ୍ ଏଡିସିପି ସେକ୍ ସରିଫଉଦ୍ଦିନ, ଥାନା ଅଧିକାରୀ ଅମିତାଭ ମହାପାତ୍ରଙ୍କ ସମେତ ବିଭିନ୍ନ ସାହିର ୧୦୦ ଜଣ ବରିଷ୍ଠ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# କଚ୍ଛପ ଗତିରେ କୋଭିଡ୍ ହସ୍ପିଟାଲ ନିର୍ମାଣ

**ନିଶ୍ଚିନ୍ତକୋଇଲି,୩।୧୦(ସ୍ୱ.ପ୍ର.)**



କୋଭିଡ୍ ହସ୍ପିଟାଲ ତିଆରି ପାଇଁ ବାଲି ଗଦା ହୋଇଛି।

କରୋନା ସଂକ୍ରମଣକୁ ଆଖିଆଗରେ ରଖି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ନିର୍ମାଣ ଚାଲିଛି। ଏହାକୁ ତୁରନ୍ତ ଶେଷ କରି ସ୍ଥାନୀୟ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ସରକାର ଗୁରୁତ୍ୱ ଦେଉଥିବାବେଳେ ବାସ୍ତବରେ କିନ୍ତୁ ଏହି କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। ଫଳରେ ବ୍ୟୟ ବହୁଳ ଅସ୍ଥାୟୀ ହସ୍ପିଟାଲ କେତେଦୂର ଜନସେବାରେ ଲାଗିପାରିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କୋଲଣପୁର ପଞ୍ଚାୟତର କୁଳିଆଠାରେ ଆମେରିକାନ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଜିଲାର ପ୍ରଥମ ଭ୍ରାମ୍ୟମାଣ କୋଭିଡ୍ ହସ୍ପିଟାଲ ସ୍ଥାପନ ପାଇଁ ସରକାରୀ ମଞ୍ଜୁରୀ ମିଳିବା ପରେ ଲ୍ୟାଣ୍ଡ ଡେଭଲମେଣ୍ଟ କାର୍ଯ୍ୟ ଆରମ୍ଭ ହୋଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଆମେରିକା ଢାଞ୍ଚାରେ ଏହାକୁ ନିର୍ମାଣ କରିବାକୁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ଏଠାରେ ଡାକ୍ତରଙ୍କ ପ୍ରକୋଷ୍ଠ, ବର୍ହିବିଭାଗ, ଆଇସିୟୁ, ଜେନେରାଲ ୱାର୍ଡ, ଅପେକ୍ଷା ଗୃହ, କୋଭିଡ ଟେଷ୍ଟ ଲାବ ସମେତ ଭେଣ୍ଟିଲେଟର ବ୍ୟବସ୍ଥା କରାଯିବ। ପାଇପ୍ ଯୋଗେ ହସ୍ପିଟାଲକୁ ଅକ୍ସିଜେନ ଯିବା ଭଳି ଅତ୍ୟାଧୁନିକ ବନ୍ଦୋବସ୍ତ କରାଯିବ। ଏହାଦ୍ୱାରା ନିଶ୍ଚନ୍ତକୋଇଲି ସମେତ ପଡ଼ୋଶୀ ମାହାଙ୍ଗା ଓ ସାଲେପୁର ଅଞ୍ଚଳର ଲୋକେ ମଧ ଉପକୃତ ହୋଇପାରିବେ। ଜିଲା ପ୍ରଶାସନ ପକ୍ଷରୁ ହସ୍ପିଟାଲ ପାଇଁ ମୋଟ ୫୧,୫୦୦ ବର୍ଗଫୁଟ ଜମି ଦିଆଯାଇଥିବାବେଳେ ସେଥିରୁ ୧୫ହଜାର ୫୦୦ ବର୍ଗଫୁଟରେ ହସ୍ପିଟାଲ ତିଆରି ହେବ। ଅବଶିଷ୍ଟ ୩୬ ହଜାର ବର୍ଗଫୁଟ ଜମିରେ ହସ୍ପିଟାଲ ପରିଚାଳନା ପାଇଁ ଅନ୍ୟ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ସ୍ଥିର କରାଯାଇଛି। ଚଳିତ ମାସରେ ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ଜିଲା କୋଭିଡ ନୋଡାଲ ଅଫିସର ଡାକ୍ତର ଉମେଶ ରାୟ ସୂଚନା ଦେଇଛନ୍ତି। ତେବେ ଏପର୍ଯ୍ୟନ୍ତ ହସ୍ପିଟାଲ ହେବାକୁ ଥିବା ସ୍ଥାନରେ ବାଲି ଗଦା ହୋଇଥିବାବେଳେ କେବଳ ଚତୁଃପାର୍ଶ୍ୱରେ ପାଚେରି କାର୍ଯ୍ୟ ପ୍ଲିନ୍ଥ ଲେବଲ ପର୍ଯ୍ୟନ୍ତ ଉଠିଛି।

### ବ୍ୟୟ ଅଟକଳ ଉପରେ ସୂଚନା ନାହିଁ

ଏଥିଯୋଗୁ ନିର୍ଦ୍ଧାରିତ ସମୟ ମଧରେ ଏହା ଲୋକାର୍ପିତ ହେବନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକ ପ୍ରଶାସନ ଏହାର ଭିତ୍ତିଭୂମି ବିକାଶ ଦାୟିତ୍ୱରେ ଥିଲେ ମଧ ଏଯାବତ୍ କୌଣସି ଆଖିଦୃଶିଆ ଉନ୍ନୟନ କାର୍ଯ୍ୟ ଏଠାରେ ହୋଇନାହିଁ। ଅପରପକ୍ଷରେ ହସ୍ପିଟାଲକୁ ଯିବା ପାଇଁ ରାସ୍ତା, ପାନୀୟ ଜଳ, ବିଦ୍ୟୁତ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକ ମଧ ହୋଇନାହିଁ। ଏହାର ଭିତ୍ତିଭୂମିର ଉନ୍ନୟନ କାର୍ଯ୍ୟ ପାଇଁ କେତେ ଟଙ୍କା ବ୍ୟୟବରାଦ କରାଯାଇଛି ସେନେଇ କୌଣସି ସୂଚନାଫଳକ ଲଗାଯାଇନାହିଁ। ଫଳରେ କେଉଁ ଅନୁଦାନରୁ କେତେଟଙ୍କା ଖର୍ଚ୍ଚ ହେଉଛି ତାହାର ସ୍ପଷ୍ଟୀକରଣ ମିଳିପାରିନାହିଁ।

ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ କୁହନ୍ତି, ଭିତ୍ତିଭୂମିର ବିକାଶ କାର୍ଯ୍ୟ ଚାଲିଛି। କାର୍ଯ୍ୟପରେ ବିଲ୍ ପ୍ରଦାନ କଲେ ଅର୍ଥ ମଞ୍ଜୁର ହେବାର ବ୍ୟବସ୍ଥା ରହିଛି। ନିର୍ଦ୍ଦିଷ୍ଟ ବ୍ୟୟ ବରାଦ ହୋଇନାହିଁ। ଅନୁକୂଳ ପାଗ ହେଲେ ଖୁବଶୀଘ୍ର କାର୍ଯ୍ୟ ଶେଷ ହେବ।

# ଶାନ୍ତି ଦାସଙ୍କୁ 'ଜୟକିରଣ ସମ୍ମାନ'



ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିତ୍ୱମାନେ।

**ଭୁବନେଶ୍ୱର, ୩।୧୦ (ବ୍ୟୁରୋ)**

ଜୟ କିରଣ ଟ୍ରଷ୍ଟ ପକ୍ଷରୁ ୧୦ମ 'ଜୟ କିରଣ ସମ୍ମାନ ପ୍ରଦାନ ଉତ୍ସବ' ରବିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୩ଜଣଙ୍କୁ ସମ୍ମାନିତ କରାଯାଇଛି। ସମାଜକଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଭୂଦାନ ଓ ସର୍ବୋଦୟ ନେତ୍ରୀ ଶାନ୍ତି ଦାସଙ୍କୁ 'ଜୟକିରଣ ସମ୍ମାନ'ରେ ସମ୍ମାନିତ କରାଯାଇଥିବାବେଳେ ଓଡ଼ିଶୀ ନୃତ୍ୟରେ ଗୁରୁ ସିକତା ଦାସଙ୍କୁ 'ଗୁରୁ ଗଙ୍ଗାଧର ପ୍ରଧାନ ସମ୍ମାନ' ଓ ଓଡ଼ିଶୀ ସଙ୍ଗୀତରେ ଗୁରୁ ଲତା ଘୋଷଙ୍କୁ 'ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଟ୍ରଷ୍ଟ ସଭାପତି ଶାଶ୍ୱତୀ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଧାନସଭାର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦିକା ସୁମିତ୍ରା ଜେନା ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ ସଭାକାର୍ଯ୍ୟ ପରିଚାଳନା ଏବଂ ଡ. ମିତାଲି ଚିନାରା ସ ସଙ୍ଗୀତା ପଣ୍ଡା ସଞ୍ଚାଳନା କରିଥିଲେ।

# ବରିଷ୍ଠ ନାଗରିକଙ୍କ ଚିକିତ୍ସା ଭତ୍ତା ୨ହଜାର ଟଙ୍କା କରାଯାଉ

**ଭୁବନେଶ୍ୱର, ୩।୧୦(ବ୍ୟୁରୋ)**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଏବଂ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ସମିତି ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଭର୍ଚୁଆଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ ଓ ମନମୋହନ ପ୍ରହରାଜ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟ, ସହନଶୀଳତା ଓ ଗାନ୍ଧୀଙ୍କ ଚିନ୍ତାଧାରା 'ସତ୍ୟ ହିଁ ଭଗବାନ', ଓଡ଼ିଶା ଗସ୍ତ, ଖଦୀ ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ, ଭାରତର ସ୍ୱାଧୀନତା ପ୍ରାପ୍ତି ଓ ଶାସ୍ତ୍ରୀଜୀଙ୍କ ଉପରେ କହିଥିଲେ। ସେବା ନିବୃତ୍ତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଲୋକନାଥ ରଥ ପେନ୍‌ସନଭୋଗୀ ବରିଷ୍ଠ ନାଗରିକଙ୍କ ବକେୟା ୧୧% ଡିଏ ଓ ଚିକିତ୍ସା ଭତ୍ତା ଦେବା ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ସଙ୍ଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ବିଚାରଧାରା ପାଳନ କରିବାକୁ ଅନୁରୋଧ କରିବା ସହ ବରିଷ୍ଠ ନାଗରିକଙ୍କ ମାସିକ ଚିକିତ୍ସା ଭତ୍ତା ୨ହଜାର ଟଙ୍କା କରିବା ପାଇଁ ସରକାରଙ୍କୁ ନିବେଦନ କରିଥିଲେ।

ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତିଙ୍କ ପ୍ରସ୍ତାବକ୍ରମେ ସଂଘର ଦିବଙ୍ଗତ ସଭ୍ୟଙ୍କ ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରାମର୍ଶଦାତା କାଳୀଚରଣ ପଟ୍ଟନାୟକ, ବରିଷ୍ଠ ସଭ୍ୟ ଅରବିନ୍ଦ ମିତ୍ର, ରାଉରକେଲାର ସଭାପତି ସୁମନ ଦତ୍ତ, ରବୀନ୍ଦ୍ର କୁମାର ମହାପାତ୍ର, ସୁବେଶ ସାମଲ, ସୁରେନ୍ଦ୍ର ସାହୁ, ଜଗନ୍ନାଥ ପ୍ରଧାନ, ଉର୍ବାସିନୀ ତ୍ରିପାଠୀ, ରଜତକାନ୍ତୀ ମିଶ୍ର, ମୁନାଲାଲ ଗୁପ୍ତା, ବିମଳ ମହାନ୍ତି, ଦିବାକର ରାୟ ପ୍ରିତମ୍, ଅରୁଣ ମହାନ୍ତି, ପ୍ରତାପ କିଶୋର ଦାସ, ଅମିୟ ସାହୁ, ରାଜେନ୍ଦ୍ର ରାଉତ, ପ୍ରଭାକର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସମିତିର ସଙ୍ଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ସ୍ୱାଗତ ଓ ବରିଷ୍ଠ ସଭ୍ୟ ଦେବପ୍ରସାଦ ମଜୁନ୍ଦର ପରିଚାଳନା କରିଥିଲେ।



ଆଜାଦୀକା ଅମୃତ ମହୋତ୍ସବ ପାଳନ ଅବସରରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ରବିବାର ଭୁବନେଶ୍ୱର ମୁକ୍ତେଶ୍ୱର ମନ୍ଦିରରୁ ଆରମ୍ଭ ହୋଇଥିବା ଐତିହ୍ୟ ପଦଯାତ୍ରା।

# ପଦଯାତ୍ରାରେ ଐତିହ୍ୟ ପରିଦର୍ଶନ

**ଭୁବନେଶ୍ୱର, ୩।୧୦ (ବ୍ୟୁରୋ)**

### ଆଜାଦୀ କା ଅମୃତ ମହୋତ୍ସବ

ଆଜାଦୀ କା ଅମୃତ ମହୋତ୍ସବର ତୃତୀୟ ଦିନରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍), ସାମାଜିକ ଅନୁଷ୍ଠାନ ସାଧନା ଓ ୟୁଆର୍‌ସି କନ୍‌ଷ୍ଟ୍ରକ୍ସନ ପକ୍ଷରୁ ରବିବାର ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା ପ୍ରାତଃ ୭ଟା ୫ରେ ପୁରୁଣା ଭୁବନେଶ୍ୱରର ଦଶମ ଶତାବ୍ଦୀର ସ୍ମାରକୀ ମୁକ୍ତେଶ୍ୱର ମନ୍ଦିରରୁ ଆରମ୍ଭହୋଇ ପର୍ଶୁରାମେଶ୍ୱର, ବିନ୍ଦୁସାଗର ପୁଷ୍କରିଣୀ, ଅନନ୍ତ ବାସୁଦେବ ମନ୍ଦିର, ପୁରୁଣା ଧର୍ମଶାଳା, ଗୌରୀଶଙ୍କର, ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ପ୍ରାୟ ୭୫ଜଣ ବ୍ୟକ୍ତି ସାମିଲ ହୋଇଥିଲେ। ମନ୍ଦିର ଓ ଅନ୍ୟାନ୍ୟ ଐତିହାସିକ ସ୍ଥାନଗୁଡିକ ସମ୍ପର୍କରେ ଗାଇଡ୍ ପଦଯାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ମହୋତ୍ସବ ପାଇଁ ୩ଦିନ ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ନାଗରିକମାନେ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି) ବୁଲି ଦେଖିଥିବାବେଳେ ଦ୍ୱିତୀୟ ଦିନରେ ସାଇକେଲ ଶୋଭାଯାତ୍ରା କରି ସଚେତନତା ସୃଷ୍ଟି କରାଯାଇଥିଲା।

ସେହିପରି ବିଏମ୍‌ସି ପକ୍ଷରୁ ସପ୍ତାହବ୍ୟାପୀ ଆଜାଦୀକା ଅମୃତ ମହୋତ୍ସବ ଗତ ୨୭ ତାରିଖରୁ ୩ ପର୍ଯ୍ୟନ୍ତ ପାଳିତ ହୋଇଯାଇଛି। ୬୭ଟି ୱାର୍ଡରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ, ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ତିମ ଦିବସରେ ବିଭିନ୍ନ ପ୍ରତିଯୋଗୀତାର କୃତୀମାନଙ୍କୁ ପୁରସ୍କୃତ କରାଯିବା ସହ ୪ଶହ ଜଣ ସ୍ୱଚ୍ଛସାଥୀ ଓ ସଫାଇ କର୍ମଚାରୀ 'ସଫାଇମିତ୍ର ଅମୃତ ସମ୍ମାନ' ପ୍ରଦାନ କରାଯାଇଥିଲା। ଜୋନ୍‌ସ୍ତରୀୟ ଏହି କାର୍ଯ୍ୟକ୍ରମଗୁଡିକୁ ସ୍ଥାନୀୟ ଜୋନାଲ ଡେପୁଟି କମିଶନରମାନେ ପରିଚାଳନା କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଅଶୋକ କୁମାର ପଣ୍ଡା, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମୋ ପରିବାର ଚେୟାରମ୍ୟାନ୍ ଅରୁପ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା କର୍ମୀ

**କଣ୍ଟାପଡା, ୩।୧୦ (ଡି.ଏନ.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ପୋସ୍ତଳ ଗ୍ରାମର ମଦନ ମୋହନ ମନ୍ଦିର ପରିସରରେ ବିଜେଡି ପକ୍ଷରୁ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋସ୍ତଳ ପଞ୍ଚାୟତର କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନିଆଳି ବିଧାୟକ ପ୍ରଫେସର ପ୍ରମୋଦ ମଲ୍ଲିକଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ରଞ୍ଜନ ସାମନ୍ତରାୟ, ପଞ୍ଚାନନ ବେହେରା, ଧରଣୀଧର ସାମନ୍ତରାୟ, ମନମୋହନ ଦାଶଙ୍କ ସମେତ ବହୁ କର୍ମୀ ବିଜେଡିରେ ମିଶିଛନ୍ତି। ଏହିକାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ନୋମିନି ବିମାନ ବେହେରା, ନକୁଳ ରାଉତରାୟ, ବଳରାମ ପାତ୍ର, ସୀତାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆୟକର ବିଭାଗ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩।୧୦**

ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆୟକର ବିଭାଗ ପକ୍ଷରୁ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୨ତମ ଜନ୍ମଉତ୍ସବ ସ୍ଥାନୀୟ ଆୟକର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଜୟନ୍ତୀ ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ଏକ ବିଶେଷ ସ୍ୱଚ୍ଛତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆୟକର ବିଭାଗର ପ୍ରଧାନ ଆୟକର ଧୀରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ବିଭାଗର ବହୁ ଅଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ଅବସରରେ ଭୁବନେଶ୍ୱର ସହର ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ତଳେ ଥିବା ଭୂତଳ ରାସ୍ତାଗୁଡ଼ିକ ସଫା କରାଯାଇଛି। ଉକ୍ତ ଭୂତଳ ରାସ୍ତାକଡ଼ରେ ବହୁ ଦିନ ହେବ ଜମା ହୋଇ ରହିଥିବା ଅଳିଆ ଆବର୍ଜନାକୁ ସଫା କରାଯାଇଥିଲା। ଏହାର ବିଶୋଧନ ପାଇଁ ବିଭିନ୍ନ ସ୍ଥାନରେ ବ୍ଲିଚିଂ ପାଉଡର ପକାଯାଇଛି। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆବଶ୍ୟକ ସହଯୋଗ ପ୍ରଦାନ କରାଯାଇଥିଲା। ବିଭାଗର ସୁରେଶ ଚନ୍ଦ୍ର ମହାପାତ୍ର ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।




ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧିକାରୀ ଓ କର୍ମଚାରୀ।

# 'ଅଫେରା ବସନ୍ତ' ଉନ୍ମୋଚିତ

**ଭୁବନେଶ୍ୱର, ୩।୧୦ (ବ୍ୟୁରୋ)**

ଡ. ମମତା ରାଣୀ ନାୟକଙ୍କ ରଚିତ ଗୀତିକବିତା ପୁସ୍ତକ 'ଅଫେରା ବସନ୍ତ' ରବିବାର ଉନ୍ମୋଚିତ ହୋଇଛି। ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) କାର୍ଯ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ କାମିଲା, ଡ. ମିତାଲି ଚିନାରା, ଡ. ସଂଘମିତ୍ରା ମିଶ୍ର, ପ୍ରସନ୍ନ କୁମାର ଜେନା ପ୍ରମୁଖ ଯୋଗଦେଇ ପୁସ୍ତକ ସମ୍ପର୍କରେ ନିଜର ଅଭିମତ ଉପସ୍ଥାପନ କରିଥିଲେ। ପ୍ରଣବ ଜ୍ୟୋତି ନାଥ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ 'ଅଫେରା ବସନ୍ତ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

# କରୋନା କଟକଣାରେ ଦୁର୍ଗାପୂଜା ହେବ

### ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ୍

**ଭୁବନେଶ୍ୱର,୩।୧୦(ବ୍ୟୁରୋ)**




ଖବରଦାତା ସମ୍ମିଳନୀରେ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଉଛି।

କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନ୍ ଅନୁଯାୟୀ ଦୁର୍ଗାପୂଜା ପାଳନ କରିବ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ। ରବିବାର ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ଆସୋସିଏଶନ ସଭାପତି ପ୍ରକାଶ ଚନ୍ଦ୍ର ବିଜୁଳୀ କହିଛନ୍ତି, ଚଳିତବର୍ଷ ତୋରଣ କିମ୍ବା କୌଣସି ସାହସଜ୍ଜା ଓ କୌଣସି କର୍ଯ୍ୟକ୍ରମ କରାଯିବ ନାହିଁ। ନିରାଡ଼ମ୍ବର ଭାବରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ମଣ୍ଡପରେ ବୈଦିକ ରୀତିନୀତିରେ ସ୍ଥାପନ କରାଯିବ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ପୂଜାମଣ୍ଡପ ଓ ପୂଜାମଣ୍ଡପର ଚତୁର୍ପାର୍ଶ୍ୱକୁ ଆସୋସିଏଶନ ତରଫରୁ ବିଶୋଧନ ଯାଇ ପୂଜା କରାଯିବ। ପୂଜା ମଣ୍ଡପ ମଧରେ କେବଳ ପୂଜକ ଓ କର୍ମକର୍ତ୍ତା ଛଡ଼ା ଅନ୍ୟ କୌଣସି ଭକ୍ତ ପ୍ରବେଶ ନିମନ୍ତେ କଟକଣା କରାଯାଇଛି। ପୂଜା ମଣ୍ଡପ ନିକଟକୁ ନ ଆସିବା ପାଇଁ ପ୍ରଚାର ପତ୍ର ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କୁ ନିବେଦନ କରାଯାଇଛି। ପୂଜା ଶେଷ ପର୍ଯ୍ୟନ୍ତ ସର୍ବସାଧାରଣଙ୍କୁ ବାରଣ ପାଇଁ ସାମ୍ନାରେ କପଡ଼ା ଟଙ୍ଗା ଯାଇ ପୂଜା କାର୍ଯ୍ୟ ସମାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସଭାପତି ସୂଚନା ଦେଇଛନ୍ତି।

## ଦୁର୍ଗାପୂଜା ପୂର୍ବରୁ ରାସ୍ତା ମରାମତି କରାଯିବ

**କଟକ ଅଫିସ, ୩।୧୦**

ବର୍ଷାଯୋଗୁ କଟକ ସହରରେ ଅନେକ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏ ନେଇ ଅଭିଯୋଗ ହେବା ପରେ ରବିବାର ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ପ୍ରଧାନ ସହରର ଅନେକ ରାସ୍ତା ବୁଲି ଅନୁଧ୍ୟାନ କରିଛନ୍ତି। ଆଗାମୀ ଦୁର୍ଗାପୂଜା ପୂର୍ବରୁ ବିପର୍ଯ୍ୟସ୍ତ ରାସ୍ତାକୁ ମରାମତି କରାଯିବ ବୋଲି ଯନ୍ତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାସ୍ତା ମରାମତି ପାଇଁ ଶନିବାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାସ୍ତାଘାଟର ଅବସ୍ଥା ଉପରେ ଆଲୋଚନା କରିଥିଲେ। ପରେ ଅଧିକ୍ଷଣ ଯନ୍ତ୍ରୀ ଜରୁରିକାଳୀନ ଭିତ୍ତିରେ ଟିଂବନ୍ଧ ମରାମତି ପାଇଁ ପରାମର୍ଶ ଦେଇଥିଲେ ।

## ମାଙ୍କଡ଼ କାମୁଡ଼ାରେ ୩ ଆହତ

ନିରାକାରପୁର,୩।୧୦(ଡି.ଏନ୍.ଏ.): ଜଙ୍କିଆ ଥାନା ଅନ୍ତର୍ଗତ ସରପାରି ପଞ୍ଚାୟତ ବଘେଇପୁଟ ଗ୍ରାମରେ ଏକ ମାସ ମଧ୍ୟରେ ପାତିମାଙ୍କଡ କାମୁଡ଼ାରେ ୩ଜଣ ଆହତ ହୋଇଛନ୍ତି। ପ୍ରକାଶ ଯେ, କିଛିଦିନ ପୂର୍ବେ ଏକ ପାତିମାଙ୍କଡ଼ ଜଣେ ମହିଳାଙ୍କୁ କାମୁଡ଼ି ଥିବା ବେଳେ ୧୦ଦିନ ପୂର୍ବେ ଜଣେ ବୃଦ୍ଧାଙ୍କୁ କାମୁଡ଼ି ଦେଇଥିଲା। ଖୋର୍ଦ୍ଧା ମେଡିକାଲରେ ବୃଦ୍ଧା ଜଣକ ଇଞ୍ଜେକ୍ସନ ନେଇ ଫେରିଥିବା ଗ୍ରାମବାସୀ କହିଛନ୍ତି। ସେହିପରି ଜଣେ ନାବାଳକଙ୍କୁ ଆମ୍ପୁଡି ଦେଇଥିବାରୁ ସେ ମଧ ଆହତ ହୋଇଛନ୍ତି। ମାଙ୍କଡ଼ ଯୋଗୁ ଗ୍ରାମବାସୀ ଭୟ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏନେଇ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପଣ୍ଡା କହିଛନ୍ତି, ଖାଦ୍ୟ ଅଭାବରୁ ଏଭଳି ସ୍ଥିତି ଉପୁଜୁଛି। ସୋମବାର ବିଭାଗୀୟ କର୍ମଚାରୀମାନେ ଉକ୍ତ ଗ୍ରାମକୁ ଯିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଖୋର୍ଦ୍ଧାରେ ପହଞ୍ଚିଲେ ମୁକ୍ତିକାନ୍ତ
#### ସୀମା ବିବାଦ ସମାଧାନ ଲାଗି ପ୍ରୟାସ



ଖୋର୍ଦ୍ଧା ଅଫିସ, ୩।୧୦: ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମା ବିବାଦ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସୀମାନ୍ତବର୍ତ୍ତି ଅଞ୍ଚଳରେ ଆନ୍ଧ୍ର ନିଜ ଆଧିପତ୍ୟ ବିସ୍ତାର କରିବାରେ ଲାଗିଛି। ଗତ କିଛି ମାସ ହେବ କୋରାପୁଟ କୋଟିଆ ପଞ୍ଚାୟତ ବିବାଦକୁ ନେଇ ଦୁଇ ରାଜ୍ୟ ମୁହାଁମୁହିଁ ହୋଇଛନ୍ତି। ସୀମାନ୍ତବର୍ତ୍ତି ଜିଲାର ବିଭିନ୍ନ ଗ୍ରାମକୁ ଆନ୍ଧ୍ର ନିଜର ବୋଲି ଦର୍ଶାଇ ସେଠାରେ କାର୍ଯ୍ୟ ଜାରି ରଖିଛି। ଏହାକୁ ସ୍ଥାନୀୟ ଜନସାଧାରଣ, ରାଜନେତା ସମାଲୋଚନା କରୁଛନ୍ତି। ଉଭୟ ଜିଲା ପ୍ରଶାସନ ନିଜ କାର୍ଯ୍ୟ ଜାରି ରଖିଛନ୍ତି। ଫଳରେ ସୀମାନ୍ତ ଗ୍ରାମାଞ୍ଚଳରେ ଅଶାନ୍ତି ଲାଗି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ରାଉରକେଲା ୨ନମ୍ବର ସେକ୍ଟରର ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଅଣ୍ଟା ଭିଡିଛନ୍ତି। ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସେ ଗାନ୍ଧୀ ଜୟନ୍ତୀରେ ଭୁବନେଶ୍ୱର ନବୀନ ନିବାସରୁ ଏକାକୀ ଆନ୍ଧ୍ର ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି। ସୀମା ବିବାଦ ସମ୍ପର୍କରେ ସେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ରବିବାର ସନ୍ଧ୍ୟା ୫ଟା ୩୦ରେ ମୁକ୍ତିକାନ୍ତ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଛକରେ ପହଞ୍ଚିଥିଲେ। ରାତିରେ ଏଠାରେ ରହିବା ସହ ସୋମବାର ସକାଳେ ପୁଣି ଆନ୍ଧ୍ର ଅଭିମୁଖେ ଯାତ୍ରା କରିବେ। ଏହି ପଦଯାତ୍ରା ମାଧ୍ୟମରେ ସେ ସୀମା ବିବାଦକୁ ନେଇ ରହିଥିବା ଅଶାନ୍ତି ଦୂର କରିବା ସହ ଭାଇଚାରା ଭାବ ଜାଗ୍ରତ ପାଇଁ ଆଶା ରଖିଛନ୍ତି।

### ୨୧ବର୍ଷ ପରେ ଏକାଠି ହେଲେ ଛାତ୍ରୀଛାତ୍ର

ବାଲୁଗାଁ,୩।୧୦(ଡି.ଏନ୍.ଏ.): ବାଲୁଗାଁ ମହାବିଦ୍ୟାଳୟର ୨୦୦୦ ଗ୍ରାଜୁଏଟ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ମା'ନାରାୟଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୧ ବର୍ଷ ପରେ ଛାତ୍ରୀଛାତ୍ର ଏକାଠି ହୋଇ ଖୁସି ହେବା ସହ ପୁରୁଣା ସ୍ମୃତିକୁ ମନେପକାଇଥିଲେ। ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। ଆଗାମୀ ଦିନରେ ଏହି ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଏକ ସାମାଜିକ କାର୍ଯ୍ୟକ୍ରମ କରାଯିବା ସହ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯିବ ବୋଲି କୁହାଯାଇଛି।

### ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧ ଦିବସ

ଅସ୍ତରଙ୍ଗ,୩।୧୦(ଡି.ଏନ୍.ଏ.): ପୂର୍ବତନ ବିଧାୟକ ବୈକୁଣ୍ଠ ନାଥ ସ୍ୱାଇଁଙ୍କ ୨୫ତମ ଶ୍ରାଦ୍ଧ ଦିବସ ଅସ୍ତରଙ୍ଗ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପିସିସି ଉପସଭାପତି ଶିବାନନ୍ଦ ରାୟ, ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତି, ପୂର୍ବତନ ଏମ୍‌ପି ନକୁଳ ନାୟକ, ପୂର୍ବତନ ବିଧାୟକ ବିପିନ ଦାସ, ପ୍ରଦେଶ କୃଷକ ସେଲ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ, ବିଶ୍ୱଭୂଷଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ସ୍ୱର୍ଗତ ସ୍ୱାଇଁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ବିକାଶ ବାରିକ, ପ୍ରଶାନ୍ତ ଭୋଳ, ରାଜା ସ୍ୱାଇଁ, ଜୁବୁଲି ନାୟକ, ଧନେଶ୍ୱର ପାଢ଼ୀ, ସୁଧୀର ମହାନ୍ତି, ବିଜୟ ସ୍ୱାଇଁ ଉପସ୍ଥିତ ଥିଲେ।

### ମହାରଥୀଙ୍କ ସ୍ମୃତିଚାରଣ

ପୁରୀ ଅଫିସ, ୩।୧୦: ପିପିଲିର ଦିବଂଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀକ୍ଷେତ୍ର ପ୍ରଦୀପ ମହାରଥୀ ସ୍ମୃତି ସଂସଦ ପକ୍ଷରୁ ଯୁଥ ହଷ୍ଟେଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ସ୍ୱର୍ଗତ ମହାରଥୀଙ୍କ ଗୁରୁ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରମୋଦା ଦେବୀ, ସବିତା ମହାପାତ୍ର, ବିଜୟଲକ୍ଷ୍ମୀ ଦାଶ, ଚକ୍ରଧର ମହାପାତ୍ର, ପ୍ରସନ୍ନ ମିଶ୍ର, ବଦ୍ରି ମିଶ୍ର, ଭାଗିରଥୀ ଖୁଣ୍ଟିଆ, ଚନ୍ଦ୍ରଶେଖର ମହାରଣା, ବିଜୟ ପଣ୍ଡା, ରାଜେଶ ମହାନ୍ତି, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ସ୍ୱର୍ଗତ ମହାରଥୀଙ୍କ ଆଦର୍ଶ ଓ ଜନକଲ୍ୟାଣ କାର୍ଯ୍ୟାବଳୀ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଯୋଗେଶ୍ୱର ପ୍ରହରାଜ, ଦୀପକ କୁମାର ମିଶ୍ର, ରାଧାକୃଷ୍ଣ ପ୍ରଧାନ ଓ ବିଭୂତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର, ଅର୍ଥ ପାଇଁ ଜୁଲମ

## ଘରୋଇ ଚିକିତ୍ସାଳୟର ଡାକ୍ତର ଓ ପରିଚାଳକଙ୍କ ବିରୋଧରେ ମାମଲା ରୁଜୁ

ନିମାପଡ଼ା,୩।୧୦(ଡି.ଏନ୍.ଏ.): ନିମାପଡ଼ା ଅଞ୍ଚଳର ଏକ ଘରୋଇ ଚିକିତ୍ସାଳୟରେ ଜଣେ ମହିଳାଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଏବଂ ଚିକିତ୍ସା ବାବଦରେ ଅହେତୁକ ଅର୍ଥ ପାଇଁ ଜୁଲମ କରାଯାଉଥିବା ନେଇ ଶନିବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ରୋଗୀଙ୍କ ଦେଢ଼ଶୁରଙ୍କ ଅଭିଯୋଗକ୍ରମେ ପୋଲିସ ଉକ୍ତ ଚିକିତ୍ସାଳୟର ଡାକ୍ତର ଓ ପରିଚାଳକଙ୍କ ବିରୋଧରେ ଏକ ମାମଲା(ନଂ.୩୪୬/୨୧) ରୁଜୁକରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଏହି ଥାନା ଅଧୀନ ଅରିଷଣ୍ଡ ଗ୍ରାମର ମନସ୍ୱିନୀ ବେହେରା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଗତ ୧୪ତାରିଖରେ ପରିବାରଲୋକ ଚିକିତ୍ସା ପାଇଁ ତାଙ୍କୁ ଉକ୍ତ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହା ପରଦିନ ତାଙ୍କର ଲାପୋସ୍କୋପି ଅପରେଶନ କରାଯାଇଥିଲା। ଅପରେଶନ ପରେ ମନସ୍ୱିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ପରେ ଉକ୍ତ ଚିକିତ୍ସାଳୟର ପରିଚାଳକ ଓ ଡାକ୍ତର ମନସ୍ୱିନୀଙ୍କୁ କଟକ ନେବା ପାଇଁ ପରାମର୍ଶ ଦେଇଥିଲେ। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ହୋଇଥିବା ଜାଣିବା ପରେ ପରିବାର ଲୋକଙ୍କ ସମେତ କେତେଜଣ ଗ୍ରାମବାସୀ ଉକ୍ତ ଚିକିତ୍ସାଳୟରେ ହୋହଲ୍ଲା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ମନସ୍ୱିନୀଙ୍କୁ ଏହି ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀଙ୍କ ହେପାଜତରେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିଛିଦିନ ପରେ ସେଠାରେ ମନସ୍ୱିନୀ ସୁସ୍ଥ ହୋଇଥିଲେ। ଚିକିତ୍ସା ବାବଦରେ କଟକର ଉକ୍ତ କ୍ଲିନିକ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୯୩ହଜାର ଟଙ୍କା ଜମା କରିବା ପାଇଁ ରୋଗୀଙ୍କ ପରିବାର ଲୋକଙ୍କୁ କୁହାଯାଇଥିଲା। ତେବେ ରୋଗୀଙ୍କ ପରିବାର ପକ୍ଷରୁ ୩୫ହଜାର ଟଙ୍କା ଜମା କରାଯାଇଥିଲା। ପରେ ଉକ୍ତ କ୍ଲିନିକ ପକ୍ଷରୁ ଅବଶିଷ୍ଟ ଟଙ୍କା ଜମା ନ କଲେ ରୋଗୀଙ୍କୁ ଡିସଚାର୍ଜ କରାଯିବ ନାହିଁ କୁହାଯାଇଥିଲା। ପରବର୍ତ୍ତୀ ସମୟରେ ସମାଧାନ ପରେ ରୋଗୀଙ୍କୁ ଡିସଚାର୍ଜ କରାଯାଇଥିଲା। ଅନ୍ୟପକ୍ଷେ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡରେ ମାଗଣାରେ ଅସ୍ତ୍ରୋପଚାର ଓ ଚିକିତ୍ସା କରାଯିବ ବୋଲି ନିମାପଡ଼ା ଘରୋଇ ଚିକିତ୍ସାଳୟର ପରିଚାଳକ ରୋଗୀଙ୍କ ପରିବର ଲୋକଙ୍କୁ କହିଥିଲେ। ମାତ୍ର ପରେ ଚିକିତ୍ସାଳୟର ପରିଚାଳକ ଚିକିତ୍ସା ବାବଦରେ ମୋଟା ଅଙ୍କର ଅର୍ଥ ଦାବି କରୁଥିବା ଅଭିଯୋଗପର୍ତ୍ତରେ ଦର୍ଶାଯାଇଛି। ପୁରୀ ଏଡିଏମ୍‌ଓ ନିମାପଡ଼ାର ଉକ୍ତ ଘରୋଇ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନିମାପଡ଼ା ଚିକିତ୍ସାଳର ଡାକ୍ତର ଓ ପଚରିଚାଳକ କହିଛନ୍ତି, ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଆଇସିୟୁ ଆବଶ୍ୟକ ପଡ଼ିବାରୁ କଟକର ଏକ ଘରୋଇ କ୍ଲିନିକକୁ ସ୍ଥାନାନ୍ତର କରାଯାଇଥିଲା। ରୋଗୀଙ୍କ ପରିବାର ଲୋକେ ଆଣିଥିବା ଅଭିଯୋଗ ମିଥ୍ୟା ବୋଲି ସେମାନେ କହିଛନ୍ତି।

# ପୁରୀର ଐତିହ୍ୟ ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରଙ୍କୁ ପୁରୀ ସହରର ଐତିହ୍ୟସମ୍ପନ୍ନ ପୀଠ ଓ ମଠ ସମ୍ପର୍କରେ ଅବଗତ କରାଯାଉଛି ।

ପୁରୀ ଅଫିସ, ୩।୧୦: ଛାତ୍ରୀଛାତ୍ରଙ୍କୁ ନେଇ ରବିବାର ହେରିଟେଜ୍ ରାଇଡ ଅନୁଷ୍ଠିତ ହୋଇଛି। ସକାଳେ ଗଙ୍ଗାଧର ନୋଡାଲ ବିଦ୍ୟାପୀଠର ପ୍ରାୟ ୩୨ ଜଣ ଛାତ୍ରୀଛାତ୍ର ନୀଳାଦ୍ରି ବେଳାଭୂମିରୁ ବାହାରି ପୌରସଂସ୍ଥା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକ୍ରିୟା ସମ୍ପର୍କରେ ଅବଗତ ବୁଝାଇ ଦିଆଯାଇଥିଲା। ଫିଡ୍‌ବ୍ୟାକ୍ ଫାଉଣ୍ଡେଶନର ଜ୍ୟୋତି ପ୍ରକାଶ ପିଲାମାନଙ୍କ ସହ ଭାବ ବିନିମୟ କରିଥିଲେ। ଏହାପରେ ସେମାନେ ଐତିହାସିକ ପୀଠ ସିଦ୍ଧବକୁଳ ମଠ, ଜିଆର ସ୍ୱାମୀମଠ, ଗଙ୍ଗାମାତା ମଠ, ରାଧାକାନ୍ତ ମଠ, ଶ୍ୱେତଗଙ୍ଗା ପୁଷ୍କରିଣୀ ଆଦି ବୁଲି ଦେଖିଥିଲେ। ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର ମିଶ୍ର ବିଭିନ୍ନ ମଠର ଉତ୍ପତ୍ତି ଓ ମହାତ୍ମ୍ୟ ବିଷୟରେ ଆଲୋକପାତ କରିଥିଲେ। ପୁରୀର ଐତିହ୍ୟପୂର୍ଣ୍ଣ ତଥା ସୁପ୍ତ ପ୍ରାୟ ପ୍ରାଚୀନ ପରମ୍ପରାର ଅନାଲୋଚିତ ଦିଗ ସମ୍ପର୍କରେ ଜିଜ୍ଞାସା ସୃଷ୍ଟି କରିବାକୁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ହେରିଟେଜ ରାଇଡରେ ଛାତ୍ରୀଛାତ୍ର, ଯୁବଗୋଷ୍ଠୀ, ବୁଦ୍ଧିଜୀବୀ, ପର୍ଯ୍ୟଟକଙ୍କ ସମେତ ବିଭିନ୍ନ ବର୍ଗଙ୍କୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ସାମିଲ କରାଯାଉଛି। ଏହି ଅବସରରେ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ଦାଶ, ଇକୋ ଟୁରିଜମ କ୍ଲବର ପ୍ରତିଷ୍ଠାତା ଯୁଗବ୍ରତ କର, ଶାନ୍ତିରଞ୍ଜନ ମିଶ୍ର, ପ୍ରମୋଦ ଆଚାର୍ଯ୍ୟ, ଅଜିତ ପଣ୍ଡା, ନଟବର ସାହୁ, ସୁଶାନ୍ତ ପାତ୍ର, ଶୁଭ୍ରାଂଶୁ ଶେଖର ଦାଶଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ଟ୍ରକ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୩।୧୦: ପିତାପଲ୍ଲୀ ଛକଠାରେ ରବିବାର ଏକ ଟ୍ରକ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ଜୀବନ ଯାଇଛି। ମୃତକ ହେଲେ ଖୋର୍ଦ୍ଧା ଶ୍ରୀରାମନଗରର ଅରୁଣ ଶତପଥୀ। ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଉକ୍ତ ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପୂର୍ବାହ୍ନ ୧୧ଟାରେ ଅରୁଣ ବାଇକରେ ଭୁବନେଶ୍ୱର ଯାଉଥିଲେ। ପିତାପଲ୍ଲୀ ଛକଠାରେ ଟ୍ରକ ଧକ୍କା ଦେଇଥିଲା। ପରିବାର ଲୋକେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ଜଳାତଙ୍କ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ବାଲୁଗାଁ,୩।୧୦(ଡି.ଏନ୍.ଏ.): ବାଲୁଗାଁ-ବାଣପୁର ରୋଟାରୀ କ୍ଲବ ପକ୍ଷରୁ ବାଲୁଗାଁ ଅଶୋକନଗର ସ୍ଥିତ ଉମାମହେଶ୍ୱର ବଣିକ ସଂଘ ସଭାଗୃହରେ କ୍ଲବ ସଭାପତି ଗୋପାଳ ଚନ୍ଦ୍ର ନାୟକ, ସମ୍ପାଦକ ସଚ୍ଚିଦାନନ୍ଦ ସେଠୀଙ୍କ ତତ୍ତ୍ୱାବଧାନରେ ରବିବାର ବିଶ୍ୱ ଜଳାତଙ୍କ ରୋଗ ଦୂରୀକରଣ ସପ୍ତାହ ପାଳନ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା. ଆଶିଷ କୁମାର ଶତପଥୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୃହପାଳିତ ପ୍ରାଣୀ ବିଶେଷ କରି ପୋଷାକୁକୁର ତଥା ବୁଲାକୁକୁରଙ୍କୁ ଟିକାକରଣ କରାଇ ଜଳାତଙ୍କ ରୋଗକୁ ଦୂର କରାଯାଇପାରିବ ବୋଲି ମୁଖ୍ୟ ପ୍ରାଣୀ ଚିକିତ୍ସକ ଶତପଥୀ କହିଛନ୍ତି। ଏହି ଅବସରରେ ମୁଖ୍ୟବକ୍ତାଭାବେ ଓଡ଼ିଶା ବାୟୋଲୋଜିକାଲ ପ୍ରଡକ୍ସନ ସଂସ୍ଥାର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡା. ବଳରାମ ସାହୁ ଯୋଗଦେଇ ରୋଟାରୀ କ୍ଲବର ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ। କ୍ଲବର ଚାର୍ଟର ସଭ୍ୟ ଡା.ଯୋଗିନ୍ଦ୍ରନାଥ ସେନାପତି ଜଳାତଙ୍କ ରୋଗର ଭୟାବହତା ଓ ସେଥିରୁ ରକ୍ଷା ପାଇବା ପାଇଁ ଉପାୟ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। କ୍ଲବର ସଦସ୍ୟ ଆଇନଜୀବୀ ବିପ୍ଳବ ମୁଦୁଲି ଧନ୍ୟବାଦ ଦେଇଥିଲେ।

### ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡର ପୁନର୍ଗଠନ ଦାବି

ପୁରୀ ଅଫିସ, ୩।୧୦: ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘର ପ୍ରଥମ ସାଧାରଣ ଅଧିବେଶନ ରବିବାର ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟକର୍ମୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ସଂଘର ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ ଏବଂ ସାଧାରଣ ସମ୍ପାଦିକା ମମତା ନାୟକ କହିଥିଲେ ଯେ, ରାଜ୍ୟ ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ତୃଣମୂଳ ସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକମାନେ ଆଗ ଧାଡିର ଯୋଦ୍ଧା ଭାବେ ଦିନରାତି କାର୍ଯ୍ୟ କରୁଛନ୍ତି। କିନ୍ତୁ ସରକାର ଏହି ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ଯଦ୍ୱାରା ସେମାନଙ୍କ ମନୋବଳ ଭାଙ୍ଗିଯାଉଛି। ସ୍ୱାସ୍ଥ୍ୟକର୍ମୀମାନେ କେବଳ ଥରଟିଏ ପଦୋନ୍ନତି ପାଉଛନ୍ତି। ଏପରିକି କେତେଜଣ ସ୍ୱାସ୍ଥ୍ୟକର୍ମୀ ବିନା ପଦୋନ୍ନତିରେ ଅବସର ନେଉଛନ୍ତି। ତେଣୁ କ୍ୟାଡର ପୁନର୍ଗଠନ ପାଇଁ ଦାବି କରାଯାଉଛି। ମାତ୍ର ସରକାର ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ମହାସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡର ପ୍ରସ୍ତାବ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଅନୁମୋଦନ କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରେରଣ କରିବାର ଦୀର୍ଘ ସାତ ମାସ ପରେ ବି କୌଣସି ଅଗ୍ରଗତି ହୋଇନାହିଁ। ଏହା ସ୍ୱାସ୍ଥ୍ୟକର୍ମୀଙ୍କ ମନରେ ନୈରାଶ୍ୟ ଭାବ ସୃଷ୍ଟି କରୁଛି । ସରକାର ତୁରନ୍ତ ଦାବି ପୂରଣ ନ କଲେ ଆଗାମୀ ଦିନରେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ।

# 'ସ୍ୱଚ୍ଛତା ହିଁ ସଭ୍ୟତାର ପରିଚୟ'

ଖୋର୍ଦ୍ଧା ଅଫିସ,୩।୧୦: ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମ୍ମଦୀୟା ମୁସଲିମ ଯୁବ ସଙ୍ଗଠନ ପକ୍ଷରୁ ସ୍ୱଚ୍ଛ ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୋବାଟି ଛକରୁ ହଳଦିଆ ପର୍ଯ୍ୟନ୍ତ ରାସ୍ତା କଡ଼ରେ ହୋଇଥିବା ଅନାବନା ଗଛ ସଫା କରିଥିଲେ। ସଙ୍ଗଠନର ସଭାପତି ସେକ ହବିବ କହିଛନ୍ତି, ସ୍ୱଚ୍ଛତା ହିଁ ସଭ୍ୟତାର ପରିଚୟ। ଇସଲାମ ଧର୍ମର ପ୍ରତିଷ୍ଠାତା ହଜରତ ମହମ୍ମଦଙ୍କ ମତରେ ସ୍ୱଚ୍ଛତା ମାନବ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସଙ୍ଗଠନ ପକ୍ଷର ଏପରି ଜନକଲ୍ୟାଣ ଓ ସେବା କାର୍ଯ୍ୟ ଜାରି ରହିବ ବୋଲି ସେ କହିଛନ୍ତି। ଏହି ଅଭିଯାନରେ ଏକାଧିକ ଯୁବକମାନେ ଯୋଗଦେଇଥିଲେ। ସାମାଜିକ କର୍ମୀ ସେକ ସମସୁର, ଜଫୁଲ୍ଲା ଖାଁ ପ୍ରମୁଖ ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରଦୀପ ମହାରଥୀଙ୍କ ପ୍ରତିମୂର୍ତ୍ତି ଅନାବରଣ



ପିପିଲି, ୩।୧୦: (ଡି.ଏନ୍.ଏ/ସ୍ୱ.ପ୍ର.): ପୂର୍ବତନ ମନ୍ତ୍ରୀ ତଥା ପିପିଲିର ଦିବଂଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପିପିଲି ବିଜେଡି କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ମହାରଥୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ପ୍ରାତଃରୁ ସେଠାରେ ଭଜନକୀର୍ତ୍ତନ ହୋଇଥିଲା। ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସତ୍ୟବାଦୀ ବିଧାୟକ ରମା ରଞ୍ଜନ ବଳିଆରସିଂ, ସ୍ୱର୍ଗତ ମହାରଥୀଙ୍କ ସହଧର୍ମିଣୀ ପ୍ରତିଭା ମହାରଥୀ, କନ୍ୟା ପଲ୍ଲବୀ, ପୁତ୍ର ତଥା ବିଜେଡି ନେତା ରୁଦ୍ରପ୍ରତାପ, ବୋହୂ ଜାଗୃତିଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପିପିଲି ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସ୍ୱର୍ଗତ ମହାରଥୀଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମନ୍ତ୍ରୀ ଦାଶ କହିଥିଲେ। ସେହିପରି ପ୍ରତିମୂର୍ତ୍ତିକୁ ଦେଖି ପୁଅ ରୁଦ୍ରପ୍ରତାପ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। ସେ ପ୍ରତିମୂର୍ତ୍ତି ନିକଟରେ ମୁଣ୍ଡ ରଖି କାନ୍ଦୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ସନ୍ଧ୍ୟାରେ ଉପନିର୍ବାଚନରେ ବିଜୟ ପରେ ରୁଦ୍ରପ୍ରତାପ ପୁରୀରୁ ତାଙ୍କ ପିପିଲିସ୍ଥିତ ବାସଭବନକୁ ଆସି ମା' ପ୍ରତିଭାଙ୍କୁ ଦେଖାକରି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜ୍ଞାପନ ନିମନ୍ତେ ଭୁବନେଶ୍ୱର ଯାଇଥିବା ଜଣାପଡ଼ିଛି।

## ୨୦୦୯ରୁ ୨୦୨୧ ପିପିଲି ନିର୍ବାଚନ ଫଳାଫଳ

| ଦଳ | ପ୍ରାର୍ଥୀ | ପାଇଥିବା ଭୋଟ |
|---|---|---|
| **୨୦୦୯** | | |
| ବିଜେଡି | ପ୍ରଦୀପ ମହାରଥୀ | ୭୪,୧୧୨ |
| କଂଗ୍ରେସ | ଯୁଧିଷ୍ଠିର ସାମନ୍ତରାୟ | ୬୧,୬୦୭ |
| ଭାଜପା | ଅଜିତ ମଙ୍ଗରାଜ | ୧୧,୧୩୮ |
| **୨୦୧୪** | | |
| ବିଜେଡି | ପ୍ରଦୀପ ମହାରଥୀ | ୮୨,୫୫୦ |
| କଂଗ୍ରେସ | ଯୁଧିଷ୍ଠିର ସାମନ୍ତରାୟ | ୪୯,୦୭୬ |
| ଭାଜପା | ପ୍ରଫୁଲ୍ଲ ପ୍ରସାଦ ଗଜେନ୍ଦ୍ର | ୭,୬୫୬ |
| ସ୍ୱାଧୀନ | ଆଶ୍ରିତ ପଟ୍ଟନାୟକ | ୧୮, ୦୦୦ |
| **୨୦୧୯** | | |
| ବିଜେଡି | ପ୍ରଦୀପ ମହାରଥୀ | ୮୮,୫୧୮ |
| ଭାଜପା | ଆଶ୍ରିତ ପଟ୍ଟନାୟକ | ୭୮,୭୩୧ |
| କଂଗ୍ରେସ | ଅଜିତ ମଙ୍ଗରାଜ | ୯୮୩୦ |
| ସିପିଆଇ | (ଏମ୍ଏଲ୍) ଏଲ୍ ଅଶୋକ ପ୍ରଧାନ | ୧୨୧୪ |
| **୨୦୨୧** | | |
| ବିଜେଡି | ରୁଦ୍ର ମହାରଥୀ | ୯୬,୯୭୨ |
| ଭାଜପା | ଆଶ୍ରିତ ପଟ୍ଟନାୟକ | ୭୬, ୦୫୬ |
| କଂଗ୍ରେସ | ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର | ୪୨୬୧ |
| ସିପିଆଇ | (ଏମ୍ଏଲ୍ ) ଏଲ୍- ଅଶୋକ ପ୍ରଧାନ | ୮୯୮ |

# ନୋଟାରେ ପଡ଼ିଲା ୮୩୧ ଭୋଟ୍

ପୁରୀ ଅଫିସ,୩।୧୦: ପିପିଲି ଉପନିର୍ବାଚନରେ ୧ ଲକ୍ଷ ୮୦ ହଜାର ୯୯ ଜଣ ଭୋଟର ମତଦାନ କରିଛନ୍ତି। ତନ୍ମଧ୍ୟରୁ ବିଜେଡିକୁ ୯୬ ହଜାର ୯୭୨ ଓ ଭାଜପାକୁ ୭୬ ହଜାର ୫୬ ଖଣ୍ଡ ଭୋଟ ମିଳିଛି। ତେବେ ଚଳିତ ନିର୍ବାଚନରେ ନୋଟାରେ ମତଦାନ କରିଥିବା ଭୋଟରଙ୍କ ସଂଖ୍ୟା ଆଖିଦୃଶିଆ ରହିଛି। ନୋଟାକୁ ଯଦି ଜଣେ ପ୍ରାର୍ଥୀ ଭାବେ ଦେଖାଯାଇଥାଆନ୍ତା ତେବେ ଏହା ୫ମ ସର୍ବାଧିକ ଭୋଟ ପାଇଥିବା ପ୍ରାର୍ଥୀ ଭାବେ ଗଣା ହୋଇଥାଆନ୍ତା। ଚଳିତ ପିପିଲି ଉପନିର୍ବାଚନରେ ନୋଟା ବାବଦକୁ ୮୩୧ ଖଣ୍ଡ ଭୋଟ ପଡ଼ିଛି। ବିଜେଡି, ଭାଜପା, କଂଗ୍ରେସ ଓ ବାମଦଳ ପରେ ନୋଟା ୫ମ ସ୍ଥାନରେ ରହିଛି। ସାଧାରଣତଃ ନୋଟା ପ୍ରତି ଶିକ୍ଷିତ ଯୁବଗୋଷ୍ଠୀଙ୍କ ଆଗ୍ରହ କ୍ରମାଗତ ଭାବରେ ବଢ଼ିବାରେ ଲାଗିଛି। ନିର୍ବାଚନରେ ପ୍ରାର୍ଥୀମାନଙ୍କ ମଧ୍ୟରୁ କାହାରିଙ୍କୁ ଯୋଗ୍ୟ ମନେ କରୁ ନ ଥିଲେ ଭୋଟର ନୋଟା ଭଳି ବିକଳ୍ପ ବାଛିଥାଆନ୍ତି। ଏକ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ଭୋଟରଙ୍କ ବୌଦ୍ଧିକ ବିକାଶକୁ ଚିହ୍ନଟ କରିବାର ଏକ ଭଲ ମାଧ୍ୟମ ହେଉଛି ନୋଟା। ଏହାଦ୍ୱାରା ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଚୟନ ବେଳେ ଅଧିକ ଯତ୍ନଶୀଳ ହେବା ସହ ଉପଯୁକ୍ତ ପ୍ରାର୍ଥୀ ଦେବାକୁ ଚେଷ୍ଟା କରିଥାନ୍ତି। ଏ ସମ୍ପର୍କରେ ପିପିଲି ନିର୍ବାଚନମଣ୍ଡଳୀର ଭୋଟର ଦିଲୀପ ବରାଳ କହିଛନ୍ତି, ନିର୍ବାଚନରେ ଅର୍ଥ ବିନିଯୋଗର ମାତ୍ରା ବଢ଼ିବା ପରେ ଯେ କେହି ନିର୍ବାଚନ ଲଢୁଛନ୍ତି। ଏଭଳି ସ୍ଥଳେ ଲୋକେ ନୋଟାରେ ଭୋଟ ଦେଇ ଏକଥା ସ୍ପଷ୍ଟ କରୁଛନ୍ତି ଯେ କୌଣସି ରାଜନୈତିକ ଦଳ ଜଣେ ଉପଯୁକ୍ତ ପ୍ରାର୍ଥୀ ଚୟନ କରିନାହିଁ। ଏଭଳି ଭାବୁଥିବା ଲୋକଙ୍କ ସଂଖ୍ୟା ଏବେ କମ୍ ରହିଛି। ମାତ୍ର ଆଗାମୀ ଦିନରେ ଆହୁରି ବଢ଼ିପାରେ। ଜଣେ ସଚେତନ ନାଗରିକ ନୋଟା ସପକ୍ଷରେ ଯିବା ପ୍ରସଙ୍ଗ ନିହାତି ପକ୍ଷେ ଆଲୋଚନା ସାପେକ୍ଷ।



ଜିଲାପାଳ ଏବଂ ରିଟର୍ନିଂ ଅଫିସରଙ୍କ ଉପସ୍ଥିତିରେ ଭୋଟ ଗଣତି ଚାଲିଛି ।



ଉପନିର୍ବାଚନ ଫଳାଫଳ ସମ୍ପର୍କରେ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଘୋଷଣା କରୁଛନ୍ତି ।



ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀଙ୍କୁ ରିଟର୍ନିଂ ଅଫିସର ସାର୍ଟିଫିକେଟ ପ୍ରଦାନ କରୁଛନ୍ତି ।



ବିଜେଡି ପ୍ରାର୍ଥୀଙ୍କ ବିଜୟ ପରେ ସମର୍ଥକମାନେ ଖୁସି ମନାଉଛନ୍ତି ।



ଭୋଟ ଗଣତି କେନ୍ଦ୍ରରୁ ଭାଜପା କର୍ମୀମାନେ ନିରାଶରେ ଫେରୁଛନ୍ତି ।